## ସଂକ୍ଷେପରେ

### ଛାତ୍ରଙ୍କ ଉଦ୍ଦେଶ୍ୟରେ ବିଦ୍ୟାଳୟରେ ଶୋକସଭା

**ପଦ୍ମପୁର,୧୯।୧୦(ଡି.ଏନ୍.ଏ.):** ରାୟଗଡ଼ା ଜିଲା ପଦ୍ମପୁର ଆର୍.ଜି. ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ୨ ଦ୍ୱିତୀୟ ବର୍ଷ ଛାତ୍ର ବିଶ୍ୱନାଥ ଶବରଙ୍କ ସୋମବାର ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା। ଏ ନେଇ ଉଚ୍ଚ ମାଧମିକ ବିଦ୍ୟାଳୟରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ସୁବାସ ଚନ୍ଦ୍ର ସାହୁଙ୍କ ସମେତ ଅଧାପକ ପ୍ରକାଶ ଚନ୍ଦ୍ର ମହାପାତ୍ର, ଅଶୋକ କୁମାର ଦାସ, ରମେଶ ଚନ୍ଦ୍ର ପଣ୍ଡା, ବାଞ୍ଛାନିଧି ଦାସ, ରାମନାଥ ସାହୁ, ରମେଶ ଚନ୍ଦ୍ର ଦୋରା,ରଶ୍ମିତା ସ୍ୱାଇଁ, ପଞ୍ଚାନନ ଶତପଥୀ, ରାମଚନ୍ଦ୍ର ପାଣିଗ୍ରାହୀ, କୃଷ୍ଣଚନ୍ଦ୍ର ସାହୁ, ମଲିକେଶ୍ୱର ନାଇଡୁ, ଛାତ୍ରୀଛାତ୍ର ଏବଂ କର୍ମଚାରୀ ଉପସ୍ଥିତ ରହି ଦିବଂଗତ ଆତ୍ମାର ସଦ୍‌ଗତି କାମନା କରିବା ସହ ମୃତ ଛାତ୍ରଙ୍କ ପରିବାର ପ୍ରତି ସମବେଦନା ଜଣାଇଥିଲେ। ସୂଚନାଯୋଗ୍ୟ, ସୋମବାର ପାଠପଢ଼ା ସାରି ଘରୋଇ ବସ୍‌ରେ ନିଜ ଘର ଗୁଣପୁର ନିକଟ ନିଲାମଗୁଡ଼ା ପଞ୍ଚାୟତର ନାଲପଣ୍ଡାଗୁଡ଼ା ଗ୍ରାମକୁ ଫେରୁଥିଲେ। ବସ୍ ଗେଟ୍ ନିକଟରେ ସେ ଠିଆ ହୋଇଥିବାବେଳେ ବାତ ମାରିବାରୁ ସେ ବସ୍‌ରୁ ତଳେ ପଡ଼ିଯାଇଥିଲେ। ମୁଣ୍ଡରେ ତାଙ୍କର ଗଭୀର ଆଘାତ ଲାଗିଥିବା ବେଳେ ବସ୍‌ରେ ଥିବା ଅନ୍ୟ ତେକେତଣ ସାଙ୍ଗ ତାଙ୍କୁ ପ୍ରଥମେ ପଦ୍ମପୁର ଡାକ୍ତରଖାନା ନେଇଥିଲେ। ଚେତା ନ ଫେରିବାରୁ ତାଙ୍କୁ ଗୁଣପୁର ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ବାଇକ୍ ଧକ୍କାରେ ବୃଦ୍ଧ ମୃତ

**ଦିଗପହଣ୍ଡି,୧୯।୧୦(ଡି.ଏନ.ଏ.):** ଦିଗପହଣ୍ଡି ଥାନା ଅନ୍ତର୍ଗତ ସିଦ୍ଧେଶ୍ୱର ନୂଆ ସାହିରେ ଥିବା ପ୍ରାଥମିକ ସେବା ସମବାୟ ସମିତି ନିକଟରେ ବାଇକ୍ ଦୁର୍ଘଟଣାରେ ବୁଧବାର ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସିଦ୍ଧେଶ୍ୱର ନୂଆ ସାହିର ତ୍ରିନାଥ ଗୌଡ (୭୦)। ସକାଳେ ତ୍ରିନାଥ ଗୌଡଙ୍କ ଘର ଆଗରେ ଥିବା ନଳକୂପକୁ ଆସି ହାତ ଧୋଇ ପୁଣି ଘରକୁ ଯାଉଥିବା ବେଳେ ସେହି ଗ୍ରାମର ଅମନ ପ୍ରଧାନ ଓ ଓମ୍ ପ୍ରଧାନ ଦୁଇଜଣ ଯୁବକ ଦ୍ରୁତ ଗତିରେ ବାଇକ୍ (ନଂ ଓଆର୍-୦୭କେ-୩୮୦୩) ଯୋଗେ ଗଣିଆନାଳ ଅଭିମୁଖେ ଯାଉଥିବା ବେଳେ ସିଦ୍ଧେଶ୍ୱର ପ୍ରାଥମିକ ସେବା କେନ୍ଦ୍ର ନିକଟରେ ତ୍ରିନାଥ ଗୌଡଙ୍କ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତର ବୃଦ୍ଧଙ୍କୁ ଉଦ୍ଧାରକରି ବ୍ରହ୍ମପୁର ବଡ ମେଡିକାଲ୍ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦିଗପହଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲା।

# ନାଗାବଳୀରେ ବିଲୀନ ହେବାକୁ ଯାଉଛି ୨ ଗାଁ

- ବାରମ୍ବାର ଦାବି ପରେ ବି ନିର୍ମାଣ ହେଉନି ଆଡ଼ିବନ୍ଧ
- ଗାଁ ମୁହଁରେ ବିରାଟ ଘାଇ, ଲୋକେ ଭୟଭୀତ

ରାୟଗଡ଼ା ଅଫିସ,୧୯।୧୦

ନାଗାବଳୀ ନଦୀର କରାଳ ରୂପରେ ରାୟଗଡ଼ା ଜିଲା ସଦର ବ୍ଲକ ବାଇସିଂ ପଞ୍ଚାୟତ ଅନ୍ତର୍ଗତ ନଦୀ ମୁହାଣରେ ଅବସ୍ଥାପିତ ଦୁଇଟି ଗାଁ ବିଲୀନ ହେବାକୁ ଯାଉଛି। ଗତ ସପ୍ତାହ ମଧ୍ୟରେ ନଦୀ କୂଳ ଖାଇ ମାରିଗୁଡ଼ା ଗ୍ରାମର ଅନେକ ଚାଷଜମି ନଦୀରେ ମିଶିଯିବା ସହ ଗାଁ ମୁଣ୍ଡରେ ଏକ ବିରାଟ ଘାଇ ସୃଷ୍ଟି ହୋଇଛି। ସେହିପରି ଧୂମାଗୁଡ଼ା ଗାଁ ମଧ୍ୟ ବିପଦରେ ରହିଛି। ନଦୀରେ ଆଡ଼ିବନ୍ଧ ନିର୍ମାଣ ସହ ଲେକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଦୁଇ ଗାଁର ଲୋକେ ୫ ବର୍ଷ ହେଲା ଦାବି କରି ଆସୁଥିଲେ ମଧ୍ୟ ସୁଫଳ ମିଳିନି। ପୁଣି ଜିଲାପାଳଙ୍କୁ ଦାବିପତ୍ର ଦେଇ ସମସ୍ୟା ଜଣାଇବାକୁ ବୁଧବାର



ପଞ୍ଚାୟତବାସୀ ଗ୍ରାମସଭାରେ ସମସ୍ୟା ନେଇ ଆଲୋଚନା କରୁଛନ୍ତି।

ବାଇସିଂ ପଞ୍ଚାୟତବାସୀ ଗ୍ରାମସଭା କରି ନିଷ୍ପତ୍ତି ନେଇଛନ୍ତି। ସପ୍ତାହ ମଧ୍ୟରେ ଦାବି ପୂରଣ ନ ହେଲେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଅନଶନରେ ବସିବାକୁ ସ୍ଥିର କରିଛନ୍ତି। ଜିଲାପାଳ କିମ୍ବା ନେତା କେହି ମଧ୍ୟ ସମସ୍ୟାର ସମାଧାନ ନେଇ ଗୁରୁତ୍ୱ ଦେଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବାରମ୍ବାର ଦାବି ପରେ ନିରାଶ ହୋଇ ପଞ୍ଚାୟତବାସୀ ବୁଧବାର ସରପଞ୍ଚଙ୍କ ନେତୃତ୍ୱରେ ପୁଣି ଏକାଠି ହୋଇ ସମାଧାନର ଚିନ୍ତା କରିଛନ୍ତି। ଜନ ପ୍ରତିନିଧିଙ୍କ ନୀରବତାକୁ ନେଇ ଅସନ୍ତୋଷ ପ୍ରକାଶ କରି ଆଗାମୀ ଦିନରେ ସାମୂହିକ ପ୍ରଶ୍ନ କରିବାକୁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି।

# ‘ସରକାରୀ ଯୋଜନା ତୃଣମୂଳ ସ୍ତରରେ ପହଞ୍ଚାଅ’



ବୈଠକରେ ଦୁଇ ମନ୍ତ୍ରୀ, ଅଶୋକ ପଣ୍ଡା, ଜଗନ୍ନାଥ ସାରକା, ବିଧାୟକ, ସଚିବ, ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

## ରାୟଗଡ଼ାରେ ବିଡିଓ, ଅଧିକାରୀଙ୍କୁ ତାଗିଦା କଲେ ମନ୍ତ୍ରୀ

ରାୟଗଡ଼ା ଅଫିସ,୧୯।୧୦

ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ତୃଣମୂଳ ସ୍ତରରେ ଲୋକଙ୍କ ପାଖରେ ପହଞ୍ଚିବା ଜରୁରୀ। ଏଥିପାଇଁ ସମସ୍ତ ବ୍ଲକର ବିଡିଓ ଏବଂ ବିଭିନ୍ନ ବିଭାଗର ଅଧିକାରୀ ଗୁରୁତ୍ୱ ଦେବାକୁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ତଥା ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ତାଗିଦ କରିଛନ୍ତି। ରୟଗଡ଼ା ଜିଲା ପରିଷଦ ସଭାଗୃହରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ସମୀକ୍ଷା ବୈଠକ ବୁଧବାର ମନ୍ତ୍ରୀ ଏହା କହିଛନ୍ତି।

ସମୀକ୍ଷା ବୈଅଠକରେ ମନ୍ତ୍ରୀ ପଣ୍ଡାଙ୍କ ସମେତ ଆଦିବାସୀ କଲ୍ୟାଣ ଓ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା, ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଉପଦେଷ୍ଟା ସୁଧୀର କୁମାର ଦାଶ, ଜିଲା ପରିଷଦ ଅଧକ୍ଷା ସରସ୍ୱତୀ ମାଝି, ସତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷା ଅନସୂୟା ମାଝି, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ସଚିବ ଭାସ୍କରଜ୍ୟୋତି ଶର୍ମା, ରାୟଗଡ଼ା ଜିଲାପାଳ ସ୍ୱଧା ଦେବ ସିଂ, ସାମାଜିକ ସୁରକ୍ଷା ମନ୍ତ୍ରୀଙ୍କର ବ୍ୟକ୍ତିଗତ ସଚିବ ରଶ୍ମିରଞ୍ଜନ ସାହୁ, ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା, ରାୟଗଡ଼ା ଉପଜିଲାପାଳ ଭୀମସେନ ଶବର, ସିଡିଏମ୍‌ଓ ଲାଲମୋହନ ରାଉତରାୟ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁରେନ୍ଦ୍ର ଗମାଙ୍ଗ, ରାୟଗଡ଼ା ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ କୁମାର ପାଣିଗ୍ରାହୀ, ଗୁଣପୁର ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଏଲ. ସନ୍ତୋଷ କୁମାର, ସମସ୍ତ ବିଡିଓ, ରାୟଗଡ଼ା ଓ ଗୁଣପୁର ପୌର ନିର୍ବାହୀ ଅଧିକାରୀ, ଗୁଡାରୀ ଏନ୍‌ଏସି ନିର୍ବାହୀ ଅଧିକାରୀ, ସମସ୍ତ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ, ଭାରପ୍ରାପ୍ତ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଯୋଗ ଦେଇଥିଲେ। ଜିଲାପାଳଙ୍କ ଅଧକ୍ଷତାରେ ହୋଇଥିବା ବୈଠକରେ ମନ୍ତ୍ରୀ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଏବଂ ଏହା କିପରି ଲୋକଙ୍କ ନିକଟରେ ପହଞ୍ଚିପାରିବ ସେ ବିଷୟରେ ଗୁରୁତ୍ୱ ଦେଇଥିଲେ।

## ଜୀବନ ଗଠନ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ

ଗୁଣପୁର,୧୯।୧୦(ଡି.ଏନ.ଏ)

ରାୟଗଡ଼ା ଜିଲା ଗୁଣପୁର ମହାବିଦ୍ୟାଳୟରେ ଯୁକ୍ତ ତିନି ପ୍ରଥମ ବର୍ଷ ଛାତ୍ରୀଛାତ୍ରମାନଙ୍କ ପାଇଁ ଏକ ଦୀକ୍ଷାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ପରିପ୍ରେକ୍ଷୀରେ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଡକ୍ଟର ସୂର୍ଯ୍ୟ ନାରାୟଣ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରାଧାପକ ରାମଚନ୍ଦ୍ର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରାଧାପକ ଡକ୍ଟର ଜବାହାରଲାଲ ଚୌଧୁରୀ ଅନୁଷ୍ଠାନର ଐତିହ୍ୟ ତଥା ଗୌରବ ଉପରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ପ୍ରାଧାପକ ଶଶିଭୂଷଣ ମହାନ୍ତି ଅନୁଷ୍ଠାନରେ ଉପଲବ୍ଧ ସୁବିଧା ସୁଯୋଗ ତଥା ଛାତ୍ର ଜୀବନର ପ୍ରକୃତ ଲକ୍ଷ୍ୟ ଓ ଜୀବନ ଗଠନ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧାପକ ଜଗନ୍ନାଥ ଦୀପ ଯୁକ୍ତ ତିନି ଶ୍ରେଣୀର ପାଠ୍ୟକ୍ରମ ତଥା ପରୀକ୍ଷା ପ୍ରଣାଳୀ ସମ୍ପର୍କରେ ଛାତ୍ରୀଛାତ୍ରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆଇକ୍ୟୁଏସି ସଂଯୋଜକ ଅଧାପକ ଅମୀୟ ରଞ୍ଜନ ମହାନ୍ତି ବ୍ୟକ୍ତିତ୍ୱ ବିକାଶ ତଥା ଜୀବନର ଗୁଣାତ୍ମକ ଦିଗ ଉପରେ ଆଲୋକପାତ କରିଥିଲେ। ଅଧାପିକା ଅପରାଜିତା ପାଣ୍ଡେ ଇଣ୍ଟରନେଟ୍ ଶିକ୍ଷା ଓ ସମ୍ବଳ ତଥା ବିଭିନ୍ନ ୱେବ୍‌ସାଇଟ୍ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସୂଚନା ପ୍ରଦାନ କରିଥିଲେ। ସଭାପତିଙ୍କ ଅଭିଭାଷଣ ପରେ ଅଧାପକ ଡକ୍ଟର ସତ୍ୟବାନ ଗରଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

## ବିଷମକଟକରେ ଆଞ୍ଚଳିକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମ



ଅତିଥିଙ୍କ ସହ କୃତୀ ପ୍ରତିଯୋଗୀ।

ବିଷମକଟକ,୧୯।୧୦(ଡି.ଏନ୍.ଏ.)

ବିଷମକଟକ ବ୍ଲକ ଡୁକୁମ ପଞ୍ଚାୟତ ଝିଆରି ଗ୍ରାମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଞ୍ଚଳିକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡୁକୁମ ସରପଞ୍ଚ ଉପସ୍ଥିତ ରହି ଏହାର ଶୁଭାରମ୍ଭ କରିଥିଲେ। ଲିଭୋଲିଙ୍କ ଫାଉଣ୍ଡେଶନର ଚନ୍ଦନ କୁମାର ସିଂହ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ମୂରଲୀଧର ଶବରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅୟୋଜିତ ହୋଇଥିଲା। ଏଥିରେ ବିଦ୍ୟାଳୟରେ ବକ୍ତୃତା, ରଚନା, ଲେଖନୀ, କୁଇଜ, ଆଲୋକେସନ, ହସ୍ତାକ୍ଷର, ଚିତ୍ରାଙ୍କନ, ଏମ୍‌ଡିଏମ୍, ସଙ୍ଗୀତ, ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦିର ପ୍ରତିଯୋଗିତା ହୋଇଥିଲା। କାର୍ଯ୍ୟକ୍ରମକୁ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ରାଜେଶ କୁମାର ବିଶ୍ୱାଳ ପରିଚାଳନା କରିଥିଲେ। ଉଦ୍‌ଯାପନୀ ସମାରୋହରେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ବିଇଓ ଇନ୍ଦ୍ରଜିତ ନାୟକ ଓ ଡୁକୁମ ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁରେଶ କୁମାର ସାହୁ ଉପସ୍ଥିତ ରହି ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ବିତରଣ କରିଥିଲେ। ବରୁଣ ସିଂହ, ରତିକାନ୍ତ ଧୂପଲ, ମାଧବ ସାରକା, ଟିଂବୁ ସାରକା, କେଦାରେଶ୍ୱର ରମ୍ବୁଲୁ, ସଞ୍ଜୀବ ପାତ୍ର, ନିର୍ମଳା ବିଶ୍ୱାଳ, ଆରତୀ ଲିମାଳ, ରାଇସେନ ୱାଡକା, ଦିବାକର ନାୟକ, ଦିବାକର ସେନାପତି ଉପସ୍ଥିତ ଥିଲେ। ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ୩୦ ଶିକ୍ଷୟିତ୍ରୀ, ଶିକ୍ଷକ ଏଥିରେ ଉପସ୍ଥିତ ଥିଲେ। ଶେଷରେ ସିଆର୍‌ସିସି ବରୁଣ ସିଂହ ଧନ୍ୟବାଦ ଦେଇଥିଲେ।

## ‘ପ୍ରତ୍ୟେକ ଗାଁର ବିକାଶର ରଣନୀତି ଆରମ୍ଭ’



ସମ୍ମିଳନୀରେ ଆପ୍‌ର ରାୟଗଡ଼ା ଜିଲା ସଭାପତି ଜନ୍ମେଜୟ ସ୍ୱାଇଁ ଓ ଦଳୀୟ ନେତା।

### ବିଷମକଟକରେ ଆପ୍‌ର କାର୍ଯ୍ୟକର୍ତ୍ତା ସମ୍ମିଳନୀ

ବିଷମକଟକ,୧୯।୧୦(ଡି.ଏନ୍.ଏ.)

ରାୟଗଡ଼ା ଜିଲା ବିଷମକଟକ ସ୍ଥିତ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ଆମ୍ ଆଦ୍‌ମୀ ପାର୍ଟି(ଆପ୍)ର ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଷମକଟକ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୪ ବ୍ଲକର କର୍ମୀଙ୍କୁ ନେଇ ବୈଠକ ହୋଇଥିଲା। ଓଡ଼ିଶାରେ ଆପ୍‌ର ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର କେଜରିୱାଲଙ୍କ ଦିଲ୍ଲୀ ମଡେଲ ମାଧମରେ ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ପାଣି ଓ ରୋଜଗାର ପହଞ୍ଚାଇବା ରାଜନୀତି ଆରମ୍ଭ କରିଛନ୍ତି। ସେହିପରି ରାୟଗଡ଼ା ଜିଲାର ପ୍ରତେକ ବିଧାନସଭା ନିର୍ବାଚନ ମଣ୍ଡଳୀ ସମେତ ବ୍ଲକ, ପଞ୍ଚାୟତ, ଗାଁରେ ବିକାଶ ପହଞ୍ଚାଇବା ପାଇଁ ରାୟଗଡ଼ା ଜିଲା ଆପ୍ ସଭାପତି ଜନ୍ମେଜୟ ସ୍ୱାଇଁ ସଙ୍ଗଠନ ରଣନୀତି ଆରମ୍ଭ କରିଥିବା ବୈଠକରେ କୁହାଯାଇଛି।

ବିଜେଡିର ୨୨ ବର୍ଷର ଶାସନରେ ଏବେ ମଧ ଅନେକ ଗାଁକୁ ରାସ୍ତା, ପାନୀୟ ଜଳ ପହଞ୍ଚି ନ ଥିବା ଜିଲା ସଭାପତି ସ୍ୱାଇଁ କହିଛନ୍ତି। ସେହିପରି ରାୟଗଡ଼ା ଜିଲାର ଅନେକ ଗାଁକୁ ପକ୍କାରାସ୍ତା ନ ଥିବାରୁ ଏବେ ମଧ ଗର୍ଭବତୀ ଏବଂ ରୋଗୀ ଡାକ୍ତରଖାନା ଯିବାକୁ ଭାରରେ ବୁହା ହେଉଛନ୍ତି। ସେହିପରି ବିଦ୍ୟୁତ୍ ଦରବୃଦ୍ଧି ଟାଟା ଏବଂ ରାଜ୍ୟ ସରକାରଙ୍କ ସଲାସୁତରାରେ ହେଉଛି ବୋଲି ସ୍ୱାଇଁ ଅଭିଯୋଗ କରିଛନ୍ତି। ଆପ୍ ସରକାରଙ୍କ ନିର୍ଦ୍ଦେଶରେ ଟାଟା କମ୍ପାନୀ ଦିଲ୍ଲୀରେ ୨୦୦ ୟୁନିଟ ଏବଂ ପଞ୍ଜାବରେ ୩୦୦ ୟୁନିଟ ପର୍ଯ୍ୟନ୍ତ ବିଦ୍ୟୁତ୍ କିପରି ମାଗଣାରେ ଯୋଗାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଏଥିସହ ଓଡ଼ିଶାରେ ମଧ ତାହା ମିଳୁ ବୋଲି ସେ ଦାବି କରିଛନ୍ତି। କାର୍ଯ୍ୟକ୍ରମରେ ବିଷମକଟକ ବ୍ଲକ ଚାଟିକଣାର ଆପ୍ ନେତା ମହମ୍ମଦ ଇସମାଇଲ, କଲ୍ୟାଣସିଂହପୁର ନେତା ସନ୍ତୋଷ କୁମାର କଁଓ୍ୱୀ, ମୁନିଗଡ଼ାର କମଲ ଅଗ୍ରୱାଲ, ଜାମିନି ବେହେରା, ଥେରୁବାଲି ପାଇକପଡ଼ାର ରମେଶ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମହିଳା ମୋର୍ଚ୍ଚା ଜିଲା ଉପସଭାପତି ବିଷ୍ଣୁପ୍ରିୟା ଝୋଡ଼ିଆ, ରାୟଗଡ଼ା ପୌରପାଳିକାର ସଙ୍ଗଠକ ମଧୁସୂଦନ ପାଣିଗ୍ରାହୀ, ଯୁବ ସଙ୍ଗଠକ ସନ୍ତୋଷ ପାଇକ, ହେମନ୍ତ ଖୋସଲା, ଏମ ଜଗଦୀଶ, ଶେଖ୍ ଖଲିଲ ପ୍ରମୁଖ ଉପସ୍ଥିତ ଥିଲେ।

# ପଦ୍ମପୁରର ଦୁର୍ଗମ ଅଞ୍ଚଳରେ ବସିବ ୨୫ଟି ଟାୱାର



ବୈଠକରେ ବିଡିଓ, ତହସିଲଦାର, ବ୍ଲକ ଅଧକ୍ଷା ଓ ଅନ୍ୟମାନେ।

### ପଦ୍ମପୁର ପଞ୍ଚାୟତ ସମିତି ବୈଠକ

ପଦ୍ମପୁର,୧୯।୧୦(ଡି.ଏନ୍.ଏ.)

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ବୁଧବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଦ୍ମପୁର ବିଡିଓ ରୀନା ପ୍ରଧାନ, ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ବ୍ଲକ ଅଧକ୍ଷା ମଣିମାଳା ଶବର, ବ୍ଲକ ଉପାଧକ୍ଷ ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜିପିଇଓ ଅଜୟ କୁମାର ଦାସ ପରିଚାଳନା କରିଥିଲେ। ଏଥିରେ ୧୩ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି, ସରପଞ୍ଚ, ସମିତିସଭ୍ୟଙ୍କ ସହ ଏମ୍‌ପିଙ୍କ ପ୍ରତିନିଧି ରାଜୀବ ଲୋଚନ ସାହୁ, ଇନ୍ଦୁପୁର ସମିତି ସଭ୍ୟ ଗୋଦାବରୀ ରାଉତ, ଏବିଇଓ ସତ୍ୟନାରାୟଣ ନାୟକ ଉପସ୍ଥିତ ଥିଲେ।

ଖମାପଦର ସ୍କୁଲର ଜରାଜୀର୍ଣ୍ଣ ଶ୍ରେଣୀ ଗୃହରେ ବର୍ଷା ହେଲେ ପାଣିପଶି ପିଲାମାନେ ପଢ଼ିବାରେ ସମସ୍ୟା ହେଉଥିବା ନେଇ ଲୋକେ ଅଭିଯୋଗ କରୁଥିବା ନେଇ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରତ୍ୟେକ ପଞ୍ଚାୟତରେ ମୋବାଇଲ ନେଟୱର୍କ ବ୍ୟବସ୍ଥା ପାଇଁ ପଦ୍ମପୁରର ଦୁର୍ଗମ ଅଞ୍ଚଳରେ ୨୫ଟି ଟାୱାର ପାଇଁ ଜାଗା ଚିହ୍ନଟ କରାଯାଇଥିବା ପଦ୍ମପୁର ତହସିଲଦାର ସୂଚନା ଦେଇଥିଲେ। ନୂଆଗଡ଼ ପଞ୍ଚାୟତର ୪ ଗ୍ରାମରେ ବିଦ୍ୟୁତ୍ ସଂଯୋଗ ପାଇଁ ଖୁଣ୍ଟ ପୋତା ଯାଇଥିଲେ ମଧ ବିଦ୍ୟୁତ୍ ସଂଯୋଗ ହୋଇପାରି ନ ଥିବା ସେଠାକାର ଲୋକେ ଅଭିଯୋଗ କରିଥିଲେ। ସମସ୍ୟାର ଶୀଘ୍ର ସମାଧାନ କରାଯିବ ବୋଲି ବିଦ୍ୟୁତ୍ ବିଭାଗର ଯନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ସେହିପରି କୃଷି ସମସ୍ୟା ନେଇ ବିଭାଗୀୟ ଅଧିକାରୀ ସତ୍ୟବ୍ରତ ସାହୁଙ୍କୁ ଅବଗତ କରାଯାଇଥିଲା। ପଦ୍ମପୁର ସରପଞ୍ଚ ପ୍ରକାଶ କଣ୍ଡାଗିରି ପାନୀୟ ଜଳ ସମସ୍ୟାର ସମାଧାନ ନିମନ୍ତେ ବିଭାଗୀୟ ଅଧିକାରୀ ଜୁଲି ମାଝିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଇନ୍ଦୁପୁର ଅଙ୍ଗନୱାଡ଼ି ନୂତନ ଗୃହ କାର୍ଯ୍ୟ ସରିଥିଲେ ମଧ ସେହି କୋଠରୀରେ ତାଲା ଝୁଲୁଥିବା ଇନ୍ଦୁପୁର ସମିତି ସଭ୍ୟ ଗୋଦାବରୀ ରାଉତ ଆଇସିଡିଏସ୍ ଅଧିକାରୀ ପ୍ରମିଳା ବେହେରାଙ୍କ ନିକଟରେ ଅଭିଯୋଗ କରିଥିଲେ। ପ୍ରତ୍ୟେକ ପଞ୍ଚୟତରେ ଉନ୍ନୟନମୂଳକ କାର୍ଯ୍ୟ ସେଠାକାର ସରପଞ୍ଚ ଓ ସମିତି ସଭ୍ୟଙ୍କୁ ଜଣାଇ କରିବାକୁ ପଦ୍ମପୁର ବ୍ଲକ ରାସ୍ତା ଓ କୋଠାବାଡ଼ି ଯନ୍ତ୍ରୀ ରଶ୍ମିତା ଶବରଙ୍କୁ ସମିତି ସଭ୍ୟ ରାଉତ ପ୍ରସ୍ତାବ ଦେଇଥିଲେ। ସେହିପରି ପଦ୍ମପୁର ବ୍ଲକ ମିଶନ ଶକ୍ତି ବ୍ଲକ ସଂଯୋଜକ ସୁନୀଲ ମିଶ୍ର ଏସ୍‌ଏଚ୍‌ଜି ମହିଳାଙ୍କ ଦ୍ୱାରା ବିଭିନ୍ନ କୁଟୀର ଶିଳ୍ପରେ କିଭଳି ଲାଭବାନ ହେବେ ସେ ବିଷୟରେ ବୁଝାଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସମାଜ ମଙ୍ଗଳ ଅଧିକାରୀ ସସ୍ମିତା ରଥ, ପଦ୍ମପୁର ଥାନା ସେକେଣ୍ଡ ଅଫିସରପ୍ରଜ୍ଞାଶ୍ରୀ ନାୟକ, ରବିନାରାୟଣ ଆଚାର୍ଯ୍ୟ, ମାଗୁଣି ଶବର ପ୍ରମୁଖ ଉପସ୍ଥିତ ଥିଲେ।

## ବିଏସ୍‌ଏଫ୍ ପକ୍ଷରୁ ଜନସମ୍ପର୍କ କାର୍ଯ୍ୟକ୍ରମ

ମାଲକାନଗିରି,୧୯।୧୦(ଡି.ଏନ.ଏ.)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ନାକାମାମୁଡି ପଞ୍ଚାୟତ ଗାର୍ଡେନଗୁଡା ଗ୍ରାମରେ ବିଏସ୍‌ଏଫର ୮୮ ବାଟାଲିୟନ ତରଫରୁ ଜନସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଏସ୍‌ଏଫ୍ ଡିଆଇଜି ସୈଲେନ୍ଦ୍ର କୁମାର ସିହ୍ନା, କମାଣ୍ଡାଣ୍ଟ ବିନୋଦ ସରିନ୍, ଅତିରିକ୍ତ କମାଣ୍ଡାଣ୍ଟ ଶୁଭଞ୍ଜନ ମହାପାତ୍ର, ନାକାମାମୁଡି ସରପଞ୍ଚ ଲକ୍ଷ୍ମୀ ପଡିଆମୀଙ୍କ ସହ ବିଏସ୍‌ଏଫ ଯବାନମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ନାକାମାମୁଡି ପଞ୍ଚାୟତ ଅନ୍ତର୍ଗତ ଗ୍ରାମଗୁଡିକରୁ ପ୍ରାୟ ୩ଶହରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଉପସ୍ଥିତ ଥିଲେ। ଏହି ଅବସରରେ ବିଏସଏଫ୍ ପକ୍ଷରୁ ସ୍ଥାନୀୟ ଯୁବକଙ୍କୁ ନେଇ ଏକ ଭଲିବଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପରେ ପରେ ଯୁବକମାନଙ୍କୁ ଟ୍ରଫି ସହ କ୍ରୀଡା ସାମଗ୍ରୀ ବଣ୍ଟନ କରା ଯାଇଥିଲା। ଉପସ୍ଥିତ ଗ୍ରାମବାସୀଙ୍କ ମଧ୍ୟରୁ ମହିଳମାନଙ୍କୁ ଶାଢୀ, ଛୋଟ ପିଲାମାନଙ୍କୁ ପାଠ୍ୟ ଉପକରଣ ବଣ୍ଟନ କରା ଯାଇଥିଲା। ଯବାନ ଓ ଜନସାଧାରଣଙ୍କ ମଧ୍ୟରେ ସମ୍ପର୍କ ବଜାୟ ରହିଲେ ଏହି ଅଞ୍ଚଳରେ କଦାପି ମାଓବାଦୀମାନେ ପାଦ ପକାଇ ପାରିବେ ନାହିଁ ବୋଲି ସିହ୍ନା କହିଥିଲେ।

# ଗେଣ୍ଡୁ ଚାଷକରି ସ୍ୱାବଲମ୍ବୀ ଆଦିବାସୀ ମହିଳା

ରାୟଗଡ଼ା ଅଫିସ,୧୯।୧୦

ଗ୍ରାମାଞ୍ଚଳରେ ହେଉଥିବା ପାରମ୍ପରିକ ଧାନଚାଷ ବଦଳରେ କିଛି ଭିନ୍ନ ପ୍ରୟାସ କରିଛନ୍ତି ରାୟଗଡ଼ା ଜିଲାର ଆଦିବାସୀ ମହିଳା। ଗେଣ୍ଡୁ ଫୁଲ ଚାଷକୁ ଆପଣାଇ ଏମନେ ସ୍ୱାବଲମ୍ବୀ ହୋଇଛନ୍ତି। କୋଲନରା ବ୍ଲକ ଡେଙ୍ଗାସରଗି ଗ୍ରାମର ‘ନିୟମଗିରି ମହିଳା ଚାଷୀ ସଂଘ’ର ୫୨ ମହିଳା ଗେଣ୍ଡୁଚାଷକୁ ରୋଜଗାରର ମାଧ୍ୟମ କରି ସଫଳତା ପାଇଛନ୍ତି।

ଓଡ଼ିଶା ଜୀବିକା ମିଶନ(ଓଏଲ୍‌ଏମ୍)ର ପ୍ରକଳ୍ପ ଜରିଆରେ ମହିଳାମାନେ ଗେଣ୍ଡୁ ଫୁଲ ଚାଷ କରୁଛନ୍ତି। ୨୦୧୯-୨୦ ରେ ଏମାନେ ୫ ଏକର ଜମିରେ ପରୀକ୍ଷାମୂଳକ ଭାବେ ଫୁଲଚାଷ ଆରମ୍ଭ କରିଥିଲେ। ପ୍ରଥମେ ଅଧିକ ଲାଭ ପାଇ ନ ଥିଲେ ମଧ୍ୟ ଧୀରେ ଧୀରେ ସଫଳତା ମିଳିଥିଲା। ୨୦୨୨-୨୩ ରେ ୧୫୦ ଏକର ଜମିରେ ଗେଣ୍ଡୁ ଫୁଲ ଚାଷ କରି ଏହି ମହିଳାମାନେ ବେଶ୍ ଲାଭ ପାଇଛନ୍ତି। ବ୍ରହ୍ମପୁର, ଭୁବନେଶ୍ୱର, କଟକ ସମେତ ଆନ୍ଧ୍ର ପ୍ରଦେଶର ବିଜୟନଗରମ୍, ପାର୍ବତୀପୁର ଏବଂ ଛତିଶଗଡ଼ରୁ ଫୁଲ



ଫୁଲ ତୋଳିବାକୁ ଆସିଥିବା ମହିଳା ଚାଷୀ।

ବ୍ୟବସାୟୀ ଏଠାରୁ ଫୁଲ ନିଅନ୍ତି ବୋଲି ଗୋଷ୍ଠୀର ମହିଳାମାନେ କହିଛନ୍ତି।

ଏକ ଏକର ଜମି ପିଛା ୨୨ ହଜାର ଖର୍ଚ୍ଚ କରି ମହିଳାମାନେ ୮୭୫୦୦ ଟଙ୍କା ଲାଭ ପାଇଛନ୍ତି। ତେବେ ପ୍ରତ୍ୟେକ ସ୍ଥାନରେ ସରକାରଙ୍କ ପକ୍ଷରୁ ଛୋଟ ଛୋଟ ଶୀତଳଭଣ୍ଡାର କରାଗଲେ ଆବଶ୍ୟକ ଫୁଲ ବିକ୍ରି କରିବା ପରେ ପର୍ବପର୍ବାଣୀ ନିମନ୍ତେ ଫୁଲ ସୁରକ୍ଷିତ ଭାବେ ରଖାଯାଇ ପାରିବ ବୋଲି ସେମାନେ କହିଛନ୍ତି। ଗେଣ୍ଡୁଫୁଲ ଚାଷ ନେଇ ଗୋଷ୍ଠୀର ବାସନ୍ତୀ କୁଡୁକା କୁହନ୍ତି, ଓଏଲଏମ ପକ୍ଷରୁ ଫୁଲଚାଷ ନେଇ ଶିକ୍ଷା ଦିଆଯିବା ପରେ ଏଥିପ୍ରତି ଆଗ୍ରହ ବଢ଼ିଥିଲା। ବିକ୍ରିବଟା ମଧ୍ୟ ଭଲ ହେଉଥିବାରୁ ଗୋଷ୍ଠୀର ସମସ୍ତ ମହିଳା ସ୍ୱାବଲମ୍ବୀ ହୋଇ ପାରିଛନ୍ତି। ଏହା ପରିବାରର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିଛି। ମହିଳାଙ୍କ ଫୁଲଚାଷରେ ସଫଳତାକୁ ନେଇ କୋଲନରା ବିଡିଓ ଗୌର ଚନ୍ଦ୍ର ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ମହିଳାମାନେ ଘରେ କେବଳ ରୋଷେଇ କାମରେ ନିଜକୁ ସୀମିତ ନ ରଖି କିପରି ଆତ୍ମନିର୍ଭରଶୀଳ ହୋଇପାରିବେ ସେଥିପାଇଁ ସମସ୍ତ ପ୍ରୟାସ ଜାରି ରହିଛି।

## ସଂକ୍ଷେପରେ

### କୂଅରୁ ନିଖୋଜ ନାବାଳକଙ୍କ ମୃତଦେହ ଜବତ

ତେନ୍ତୁଲିଖୁଣ୍ଟି, ୧୯।୧୦(ଡି.ଏନ୍.ଏ.) ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ଖାତିଗୁଡ଼ା ଥାନା ଅଞ୍ଚଳର ପାଇକବାରଙ୍ଗ ପଦର ଗାଁର ଏକ କୂଅରୁ ଜଣେ ନାବାଳକଙ୍କ ମୃତଦେହ ମିଳିଛି। ନାବାଳକ ଜଣକ ୩ ଦିନ ହେବ ନିଖୋଜ ଥିଲେ। ମୃତକ ହେଲେ ସିନ୍ଧିଗୁଡ଼ା ଗାଁର ବାବୁଲା ପାଇକ(୧୬)।ବାବୁଲା ଓ ତାଙ୍କ ଭାଇ ପାଇକବାରଙ୍ଗ ପଦରସ୍ଥିତ ମାଉସା ମୋହନ ପାଇକଙ୍କ ଘରେ ୩ମାସ ହେବ ରହି ଏକ ଓଲ୍ଡିଂ ଦୋକାନରେ କାମ କରୁଥିଲେ। କିନ୍ତୁ ରବିବାର ରାତିରୁ ବାବୁଲା ନିଖୋଜ ହୋଇଯାଇଥିଲେ। ବହୁ ଖୋଜାଖୋଜି କରିବା ପରେ ବାବୁଲାଙ୍କ ପତ୍ତା ନ ମିଳିବାରୁ ପରିବାର ଲୋକେ ନିଖୋଜ ରିପୋର୍ଟ ଥାନାରେ ଦେଇଥିଲେ। ମଙ୍ଗଳବାର ରାତି ପ୍ରାୟ ୭ଟା ବେଳେ ପରଜାବାରଙ୍ଗ ପଦର ଶୁଣିସାହିର ଏକ କୂଅରେ ଜଣଙ୍କର ମୃତଦେହ ଭାସୁଥିବା ଦେଖି ଲୋକେ ତୁରନ୍ତ ଖାତିଗୁଡ଼ା ଥାନାକୁ ଖବର ଦେଇଥିଲେ। ଖବରପାଇ ଖାତିଗୁଡ଼ା ପୋଲିସ ଉକ୍ତ ଅଞ୍ଚଳକୁ ବ୍ୟାରିକେଡ୍ କରିଥିଲେ। ବୁଧବାର ସକାଳୁ ତେନ୍ତୁଲିଖୁଣ୍ଟି ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ବାବୁଲାଙ୍କ ପରିବାର ଲୋକେ ମୃତଦେହ ଦେଖି ଚିହ୍ନଟ କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଖାତିଗୁଡ଼ା ପୋଲିସ କେସ୍ ନମ୍ବର ୬/୨୨ରେ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି।

### ଗାଡିମୋଟର ଯାଞ୍ଚ, ୪ ଚାଳକଙ୍କ ଲାଇସେନ୍ସ ରଦ୍ଦ



ପାପଡାହାଣ୍ଡି,୧୯। ୧୦ ଡି.ଏନ୍.ଏ.) ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ବସଷ୍ଟାଣ୍ଡ ଚାରି ଛକରେ ରାଜ୍ୟ ପରିବହନ ବିଭାଗ ନିର୍ଦ୍ଦେଶକ୍ରମେ ବୁଧବାର ସ୍ଥାନୀୟ ପୋଲିସ ଦ୍ୱାରା ବାଇକ୍ ଯାଞ୍ଚ କରାଯାଇଥିଲା। ପାପଡ଼ାହାଣ୍ଡି ପୋଲିସ ଚେକ୍ ପୋଷ୍ଟରେ ସକାଳ ୧୦ଟାରୁ ଗାଡି ଯାଞ୍ଚ ଆରମ୍ଭ କରିଥିଲା। ଏହି ଯାଞ୍ଚରେ ୪୫ରୁ ଊର୍ଦ୍ଧ୍ୱ ବାଇକ୍ ଆରୋହୀଙ୍କ ଗାଡ଼ି କାଗଜପତ୍ର, ଡ୍ରାଇଭିଂ ଲାଇସେନ୍ସ ଯାଞ୍ଚ କରାଯାଇଥିଲା। ୪ଜଣ ବାଇକ୍ ଚାଳକଙ୍କ ଲାଇସେନ୍ସ ରଦ୍ଦ କରାଯିବା ସହ ଅନ୍ୟମାନଙ୍କଠାରୁ ୧ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ରାଜ୍ୟ ପରିବହନ ବିଭାଗ ନିର୍ଦ୍ଦେଶକ୍ରମେ ୪/୫ ଦିନ ଧରି ଯାଞ୍ଚ ଚାଲିବ। ହେଲମେଟ୍, ଡିଏଲ୍, ଆର୍‌ସି, ଇନ୍‌ସ୍ୟୁରାନ୍ସ କାଗଜପତ୍ର ଯାଞ୍ଚ କଡ଼ାକଡ଼ି ହେବ। ଯାଞ୍ଚ ସମୟରେ ସବ୍‌ଇନ୍ସପେକ୍ଟର ଶିବାଜୀ ପଣ୍ଡା, ଏଏସ୍‌ଆଇ ଏ.ଏଚ୍. ଭତ୍ରା, ଆଇ.ଆର.ବି ଷ୍ଟାଫ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରୁଥିଲେ।

### ଓକିଲ ସଂଘ ନିର୍ବାଚନ: ଭୋଟର ଲିଷ୍ଟରେ ଫଟୋ ଲାଗିବ

ଜୟପୁର, ୧୯।୧୦ (ନି.ପ୍ର.): ଆସନ୍ତା ମାର୍ଚ୍ଚ ମାସରେ ଓକିଲ ସଂଘ ନିର୍ବାଚନ ଅନୁଷ୍ଠିତ ହେବ। ଏନେଇ ବାର୍ କାଉନସିଲ ଓଡ଼ିଶା ପକ୍ଷରୁ ପ୍ରତ୍ୟେକ ଭୋଟର ଲିଷ୍ଟରେ ଫଟୋ ଲାଗିବାକୁ ନିଷ୍ପତ୍ତି ହୋଇ ଏ ଦିଗରେ କାର୍ଯ୍ୟ ଆରମ୍ଭ ହୋଇଛି। ଜିଲା ଓକିଲ ସଂଘ ପକ୍ଷରୁ ୫୧୩ ଜଣ ସଦସ୍ୟଙ୍କ ନାମ ପ୍ରସ୍ତୁତ ହୋଇଥିବା ବେଳେ ଏଥିରୁ ୧୬ ଜଣଙ୍କର ମୃତ୍ୟୁ ଘଟିସାରିଛି। ସେମାନଙ୍କ ନାମକୁ ବାଦ୍ ଦେଇ ନୂତନ ଭାବେ ୫୨ ଜଣଙ୍କ ନାମ ତାଲିକାରେ ଅନ୍ତର୍ଭୁକ୍ତ କରିବାକୁ ସ୍ଥିର ହୋଇଛି।

# ତ୍ରୁଟିର ପୁନରାବୃତ୍ତି ନ କରିବାକୁ ନିର୍ଦ୍ଦେଶ

ଡାବୁଗାଁ, ୧୯।୧୦ (ଡି.ଏନ୍.ଏ.)



ବୈଠକରେ ଅଧିକାରୀ ଓ ଅନ୍ୟମାନେ।

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷରେ ୨୦୨୧-୨୨ ଆର୍ଥିକ ବର୍ଷର ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା, ସମନ୍ୱିତ ଶିଶୁ ବିକାଶ ଓ ମମତା ଯୋଜନାରେ ହୋଇଥିବା ପ୍ରକଳ୍ପର ବ୍ଲକସ୍ତରୀୟ ଜନଶୁଣାଣି କରାଯାଇଛି। ବ୍ଲକ ଅଧକ୍ଷା ବୀଣା ମାଝିଙ୍କ ଅଧକ୍ଷତାରେ ବୁଧବାର ଏହି ଶିବିର ଅନୁଷ୍ଠିତ ହୋଇଯାଇଛି।

ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ଜବ୍‌କାର୍ଡଧାରୀ ଶ୍ରମିକମାନେ କେତେଦିନ କାର୍ଯ୍ୟ କରିଛନ୍ତି, ମଜୁରି ପାଇଛନ୍ତି କି ନାହିଁ ତାହାର ସମୀକ୍ଷା କରାଯାଇଥିଲା। ୨୦୨୧-୨୨ ଆର୍ଥିକ ବର୍ଷରେ ଏହି ଯୋଜନାରେ ମାର୍ଚ୍ଚ ୨୦୨୨ ସୁଦ୍ଧା ଧାର୍ଯ୍ୟ ହୋଇଥିବା ୧୯ କୋଟି ୫୨ ଲକ୍ଷ ୨ ହଜାର ଟଙ୍କା ଖର୍ଚ୍ଚ କରାଯାଇଛି। ମାର୍ଚ୍ଚ ୨୦୨୨ ସୁଦ୍ଧା ଟାର୍ଗେଟ ଥିବା ୭, ୩୯, ୭୯୫ କାର୍ଯ୍ୟ ଦିବସ ସୃଷ୍ଟି କରାଯାଇଛି। ୧୫,୨୨୪ ପରିବାର ପଞ୍ଜୀକୃତ ହୋଇଥିବାବେଳେ ୧୫,୨୦୦ ପରିବାରକୁ କାର୍ଯ୍ୟ ଯୋଗାଇ ଦିଆଯାଇଛି। ୧ ଏପ୍ରିଲ ୨୦୨୧ରୁ ୩୧ ମାର୍ଚ୍ଚ ୨୦୨୨ ପର୍ଯ୍ୟନ୍ତ ମୋଟ ୨୦୯୧ ପରିବାର ୧୦୦ ଦିନର କାର୍ଯ୍ୟ ପୂରଣ କରିଛନ୍ତି। ୧୫୨୦ ପ୍ରକଳ୍ପରୁ ୧୧୯୮ ପ୍ରକଳ୍ପ ସମ୍ପୂର୍ଣ୍ଣ କରାଯାଇଥିବା ଏହି ଜନ ଶୁଣାଣିରେ ଉପସ୍ଥାପିତ କରାଯାଇଥିଲା।

ଶିବିରରେ ମମତା ଯୋଜନା ଉପରେ ଆଲୋଚନା ହୋଇଥିବାବେଳେ ଅଙ୍ଗନୱାଡି କର୍ମୀମାନେ କୌଣସି ରେକର୍ଡ ଓ ରେଜିଷ୍ଟର ଦେଖାଇ ପାରି ନ ଥିଲେ। ଅଣ୍ଡା ଓ ଛତୁଆ ଭଳି ପୁଷ୍ଟି ପରିପୂରକ ଖାଦ୍ୟ କମ୍ ପରିମାଣର ବଣ୍ଟନ, ଅଙ୍ଗନୱାଡି ଖୋଲା ନ ଯିବା ଭଳି ତ୍ରୁଟି ଥିବାରୁ ସମାଧାନ ପାଇଁ ଚେଷ୍ଟା କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଜନଶୁଣାଣି କମିଟି ପାଖରେ ଜିଲା ମୃତ୍ତିକା ସଂରକ୍ଷଣ ବିଭାଗର ଅଧିକାରୀ ଠିକ୍ ତଥ୍ୟ ଦେଇ ନ ଥିବାରୁ କମିଟିରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଜିଲା ଆଦିବାସୀ ଉନ୍ନୟନ ସଂସ୍ଥାର କୌଣସି ଅଧିକାରୀ ଆସି ନ ଥିଲେ। ସାମାଜିକ ସମୀକ୍ଷାରେ ଦେଖାଯାଇଥିବା ତ୍ରୁଟିଗୁଡ଼ିକର ପୁନରାବୃତ୍ତି

**ବ୍ଲକ ସ୍ତରୀୟ ଜନଶୁଣାଣି ଶିବିର**

ଯେପରି ନ ହୁଏ ସେଥିପ୍ରତି ଦୃଷ୍ଟିଦେବାକୁ ନବରଙ୍ଗପୁର ଜିଲା ସାମାଜିକ ସମୀକ୍ଷକ ବୈବସ୍ୱତ ଚାଲାଣ ନିର୍ଦ୍ଦେଶ ଦେଇଥିଲେ। ଜିଲା ଆଦିବାସୀ ଉନ୍ନୟନ ସଂସ୍ଥାର କୌଣସି ଅଧିକାରୀ ନ ଆସିବା ଓ ଜିଲା ମୃତ୍ତିକା ସଂରକ୍ଷଣ ବିଭାଗର ଅଧିକାରୀ କମିଟି ପାଖରେ ଠିକ୍ ତଥ୍ୟ ଉପସ୍ଥାପନ କରି ନ ଥିବାରୁ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜିଲାପାଳଙ୍କୁ ଜଣାଇବାକୁ ବିଡିଓଙ୍କୁ ପରାମର୍ଶ ଦିଆଯାଇଥିଲା।

ଏହି ଜନଶୁଣାଣି ଶିବିରରେ ବିଡିଓ ଶରତ ମାଝି, ବ୍ଲକ ଉପାଧକ୍ଷ ସଦାନନ୍ଦ ନାୟକ, ଜିଲା ପରିଷଦ ସଭ୍ୟ ଜୋନ୍-୧ ଧନସିଂ ଭତ୍ରା ଓ ଜୋନ୍-୨ ଗୁପ୍ତ ବିଷୋୟୀ, ଜନଶୁଣାଣି କମିଟି ସଭ୍ୟ ପ୍ରଜ୍ଞାରଞ୍ଜନ ପରିଡ଼ା, ସହକାରୀ ନିର୍ବାହୀ ଯନ୍ତ୍ରୀ ମାନସ କୁମାର ନେଟୀ, ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ପୂର୍ଣ୍ଣବାସ ନାୟକ, ବନପାଳ ମଧୁସୂଦନ ପାତ୍ର, ବ୍ଲକ ସାମାଜିକ ସମୀକ୍ଷକ ଶାରଦା ତ୍ରିପାଠୀ, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଏ.ଡି. ପ୍ରସାଦ, କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ ଚୌଧୁରୀ ଓ ବ୍ରହ୍ମଦତ୍ତ ସାହୁ, ବନରକ୍ଷୀ ପ୍ରକାଶ ସରକାର, ଉଦ୍ୟାନ କର୍ମଚାରୀ ଜଗଦୀଶ ତରାସିଆ, ସମସ୍ତ ସରପଞ୍ଚ, ସମିତି ସଭ୍ୟାସଭ୍ୟ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଜିଆର୍‌ଏସ୍ ଓ ଜବ୍‌କାର୍ଡଧାରୀ ଶ୍ରମିକମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସହାୟକ ବିଦ୍ୟାଧର ବିଷୋୟୀ ପରିଚାଳନା କରିଥିଲେ।

# ମଦଭାଟି ଘେରାଉ କରି ମହିଳାଙ୍କ ଆନ୍ଦୋଳନ

ପାପଡ଼ାହାଣ୍ଡି/ମଇଦଲପୁର, ୧୯।୧୦(ଡି.ଏନ୍.ଏ.)



ମଦଭାଟି ଘେରାଉ କରିବାକୁ ଆସିଥିବା ମହିଳାମାନେ।

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ସେମଳା ପଞ୍ଚାୟତ ପୋକନାଗୁଡା ଗ୍ରାମର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ମହିଳା ବୁଧବାର ମଇଦଲପୁରସ୍ଥିତ ଦେଶୀ ମଦଭାଟି ଘେରାଉ କରି ହୋ ହଲ୍ଲା କରିଥିଲେ। ଘେରାଉ ସମୟରେ ଉତ୍ତେଜନା ଦେଖାଦେଇଥିଲା। ଆଗାମୀ ଦିନରେ ଏଠାରେ ମଦ ବିକ୍ରି କରାଗଲେ ଏହାକୁ ଭାଙ୍ଗିଦେବେ ବୋଲି ଆନ୍ଦୋଳନକାରୀ ମହିଳାମାନେ ଚେତାବନୀ ଦେଇଛନ୍ତି।

ପୋକନାଗୁଡ଼ାରେ ଦେଶୀ ପାଉଚ ମଦ ବିକ୍ରି ହେବାରୁ ସମସ୍ୟା ହେଉଛି। ମଦ ପିଇ କେତେଜଣଙ୍କ ମୃତ୍ୟୁ ମଧ ହୋଇଛି। ସେହିଭଳି କେତେଜଣ ଲୋକ ଘରର ଆବଶ୍ୟକ ସାମଗ୍ରୀ ବିକ୍ରି କରି ମଦ ପିଇ ସର୍ବସ୍ୱାନ୍ତ ହୋଇଛନ୍ତି। କିଛି ଲୋକ ମଦ ପିଇ ଅସାମାଜିକ କାର୍ଯ୍ୟ

**ବିକ୍ରି ବନ୍ଦ ନ ହେଲେ ଆଗାମୀ ଦିନରେ ଭାଟି ଭାଙ୍ଗିବା ଚେତାବନୀ**

କରିବାକୁ ମଧ ପଛାଉ ନାହାନ୍ତି। ଉକ୍ତ ଘଟଣାକୁ ଆଖି ଆଗରେ ରଖି ଗ୍ରାମବାସୀ ୬ମାସ ତଳେ ଗ୍ରାମରେ ମଦ ବିକ୍ରିକୁ ବାରଣ କରିଥିଲେ ବୋଲି ମହିଳାମାନେ କହିଛନ୍ତି। କିନ୍ତୁ କିଛି ଦିନ ହେବ ପୁନଃ ଉକ୍ତ ଗ୍ରାମରେ ମଦ ବିକ୍ରି ଆରମ୍ଭ ହୋଇଛି। ଏହା ବିରୋଧରେ ଗ୍ରାମର ସମସ୍ତ ମହିଳା ଆସି ଦେଶୀଭାଟିକୁ ଘେରାଉ କରି ପୋକନାଗୁଡ଼ାରେ ମଦ ବିକ୍ରି ନ କରିବାକୁ କହିଥିଲେ। ଆଗାମୀ ଦିନରେ ଉକ୍ତ ଗ୍ରାମରେ ଭାଟିରୁ ମଦ ବିକ୍ରି ହେଲେ ଏହାକୁ ସମ୍ପୂର୍ଣ୍ଣ ରୂପେ ଭାଙ୍ଗିଦେବୁ ବୋଲି ପୋକନାଗୁଡା ଗ୍ରାମର ସମସ୍ତ ମହିଳା ଚେତାବନୀ ଦେଇଛନ୍ତି।

## ଗଛ ପଡି ଦୋକାନ ଘର ନଷ୍ଟ

ସୁନାବେଡା, ୧୯।୧୦(ସ୍ୱ.ପ୍ର.)

ସୁନାବେଡା ହାଲ ପ୍ରଶାସନ ପକ୍ଷରୁ ଟାଉନସିପ ପରିସରକୁ ସବୁଜ ସୁନ୍ଦର ଓ ପ୍ରଦୂଷଣ ମୁକ୍ତ ରଖିବାକୁ ବହୁ ଗଛ ଲଗାଯାଇଛି। ମାତ୍ର ଗଛ ଗୁଡିକର ରକ୍ଷଣାବେକ୍ଷଣ ଅଭାବରୁ ଏହା ବେଳେ ବେଳେ ଲୋକମାନଙ୍କ ପାଇଁ ବିପଦ ପାଲଟୁଛି। ଏମିତି ଏକ ଅଭାବନୀୟ ଘଟଣା ବୁଧବାର ଦେଖିବାକୁ ମିଳିଛି ସ୍ଥାନୀୟ ମିଳନ ମାର୍କେଟ ପରିସରରେ। ଅପରାହ୍ନରେ ଏଠାରେ ମାର୍କେଟ ଯିବା ରାସ୍ତାରେ ଥିବା ଏକ ବିରାଟକାୟ ଗଛ ଭାଙ୍ଗି ପଡି ରାସ୍ତା ଉପରେ ପଡି ଯାଇଥିଲା। ଗଛ ତଳେ ଥିବା ଗୋଟିଏ ଦୋକାନ ଉପରେ ଏହା ପଡିଥିଲା। ଫଳରେ ଦୋକାନଟି କ୍ଷତିଗ୍ରସ୍ତ ହେବା ସହ ଦୋକାନୀ ଜଣକ ଆହତ ହୋଇଥିଲେ।

ଖବର ପାଇ ହାଲର ମାନବ ସମ୍ବଳ ବିଭାଗର ମୁଖ୍ୟ ପ୍ରବନ୍ଧକ ଡି ପି ଓକିଡିକର, ଡବ୍ଲ୍ୟୁଏସଟି ବରିଷ୍ଠ ପ୍ରବନ୍ଧକ ମାନସ ବାରିକ, ପ୍ରବନ୍ଧକ କାଳୀ ପ୍ରସାଦ ନାୟକ, ବିଦ୍ୟୁତ ବିଭାଗ ବରିଷ୍ଠ ପ୍ରବନ୍ଧକ ପିକେ ଦାଶ, କର୍ମଚାରୀ ଅରୁଣ ମହାରଣା, ଏଚଏଇଏ ୟୁନିୟନର ହର୍ଷ ନନ୍ଦ ଚେଟି, କେ ପ୍ରସନ୍ନ କୁମାର, ଲାଲ ବାହାଦୂର ରାଣା, ସୁରେନ୍ଦ୍ର ଖରା, ଭରତ ମହାନ୍ତି, ସୁରଜ ଖଡ଼ିଆ, ମନୋରଞ୍ଜନ ସେଠୀ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚିଥିଲେ। ରାସ୍ତାରେ ପଡି ରହିଥିବା ଗଛକୁ ଅଗ୍ନିଶମ କର୍ମଚାରୀ ସତ୍ୟ ପରିଡାଙ୍କ ତତ୍ତ୍ୱାବଧାନରେ କାଟି ସଫା କରିଥିଲେ। ଉଦ୍ୟାନ ବିଭାଗର ଉଦାସୀନତା ଯୋଗୁ ଏପରି ଘଟୁଥିବା ସାଧାରଣରେ ଅଭିଯୋଗ ହୋଇଛି। ବିଭାଗ ପକ୍ଷରୁ ପୁରୁଣା ଓ ବିପଦସଂକୁଳ ଅବସ୍ଥାରେ ଥିବା ଗଛଗୁଡିକ ପ୍ରତି ଆବଶ୍ୟକ ପଦକ୍ଷେପ ନିଆଯିବା ଦରକାର ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

# ପ୍ରେମିକାଙ୍କୁ ଦେଖାକରିବାକୁ ଯାଇଥିଲେ, ୩ ଦିନ ପରେ ମିଳିଲା ମୃତଦେହ

କୋଷାଗୁମୁଡା,୧୯।୧୦(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା କୋଷାଗୁମୁଡା ଥାନା ଅଧୀନ ରାଜୋଡା ପଞ୍ଚାୟତ ପୂଜାରୀଗୁଡା ଗ୍ରାମର କମଲୁ ପୂଜାରୀ(୨୭) ତାଙ୍କ ପ୍ରେମିକାଙ୍କୁ ଦେଖାକରିବାକୁ ରବିବାର ୨ ସାଙ୍ଗଙ୍କୁ ନେଇ ଯାଇଥିଲେ। କିନ୍ତୁ ସେବେଠାରୁ ସେ ଆଉ ଫେରି ନ ଥିଲେ। ସାଙ୍ଗରେ ଯାଇଥିବା ୨ ସାଥୀ ଗାଁକୁ ଫେରିଆସିଥିଲେ। ଏହାର ୩ ଦିନ ପରେ ଅର୍ଥାତ୍ ବୁଧବାର ଉକ୍ତ ଯୁବକଙ୍କ ମୃତଦେହ ଗାଁ ପାଖ ଭାଲୁଗୁଡ଼ା ଜଙ୍ଗଲରୁ ମିଳିଛି। ଜଙ୍ଗଲରେ ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯୁବକଙ୍କ ମୃତ୍ୟୁ ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତ କରି କହିଛି। କମଲୁ ରବିବାର ସନ୍ଧ୍ୟାରେ ପ୍ରେମିକାଙ୍କୁ ଭେଟିବାକୁ ପ୍ରଭୁଦାନ ମାଝି ଓ ନୀଳଧର ସୌରାଙ୍କ ସହ ମିଶି କୁସୁମପାଲି ଗ୍ରାମକୁ ଯାଇଥିଲେ। ସେଠାରୁ ପ୍ରଭୁଦାନ ଓ ନୀଳଧର କମଲୁଙ୍କ ଗାଡ଼ି ଓ ମୋବାଇଲ ଧରି ଫେରି ଆସିଥିଲେ। ସୋମବାର ସନ୍ଧ୍ୟାଯାଏ କମଲୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ତାଙ୍କର କୌଣସି ଖବର ନ ମିଳିବାରୁ ମଙ୍ଗଳବାର ସନ୍ଧ୍ୟାରେ କମଲୁଙ୍କ ବାପା ଧର୍ମୁ କୋଷାଗୁମୁଡା ଥାନାରେ ପୁଅ ନିଖୋଜ ସମ୍ପର୍କରେ ଏତଲା ଦାଏର କରିଥିଲେ। ତାଙ୍କ ଏତଲା ଭିତ୍ତିରେ କୋଷାଗୁମୁଡା ପୋଲିସ କେସ୍ ନଂ. ୧୨/୨୨ରେ ନିଖୋଜ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ବୁଧବାର ପୋଲିସ ପ୍ରଭୁଦାନ ଓ ନୀଳଧରଙ୍କୁ ପଚରାଉଚରା କରିଥିଲା। ପ୍ରେମିକା ସହ କମଲୁ ଭାଲୁଗୁଡ଼ା ଜଙ୍ଗଲକୁ ଯାଇଥିବା କଥା ସେମାନେ ପୋଲିସକୁ କହିଥିଲେ। ଏହାପରେ ପୋଲିସ ସନ୍ଧାନୀ କୁକୁର ନେଇ ଭାଲୁଗୁଡା ଜଙ୍ଗଲ ମଧ୍ୟରେ ଖୋଜାଖୋଜି କରିଥିଲା। ଏହି ସମୟରେ ଉକ୍ତ ଜଙ୍ଗଲରୁ ପୋଲିସ କମଲୁଙ୍କ ମୃତଦେହ ଜବତ କରିଛି। ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ ଫାଶରେ ପଡି କମଲୁଙ୍କ ମୃତ୍ୟୁ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି ବୋଲି କୋଷାଗୁମୁଡା ଥାନା ଏସ୍‌ଆଇ ଶଶିଭୂଷଣ ମଙ୍ଗରାଜ ସୂଚନା ଦେଇଛନ୍ତି। ବ୍ୟବଚ୍ଛେଦ ପରେ ପ୍ରକୃତ କାରଣ ଜଣାପଡିବ ବୋଲି ସେ କହିଛନ୍ତି। ଗୁରୁବାର ମୃତଦେହ ବ୍ୟବଚ୍ଛେଦ କରାଯିବ। ସନ୍ଦେହରେ କୁସୁମପାଲିର ଲକ୍ଷୁ ଭତ୍ରା, ଧନସିଂ ଭତ୍ରା ଓ ଡୁମର ସିଂ ସମରଥଙ୍କୁ ପୋଲିସ ଆଣି ପଚରାଉଚରା କରୁଥିବା ଜଣାପଡିଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

rgdselfie@gmail.com



@ ଭୁବନ



@ ଶ୍ୟାମସୁନ୍ଦର



@ ନାରାୟଣ



@ ନୀଲମ



@ ଜ୍ଞାନ



@ ନବୀନ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନବରଙ୍ଗପୁରରେ ୨୧ରେ ବାୟୁ ସ୍ୱାସ୍ଥ୍ୟସେବା

ନବରଙ୍ଗପୁର,୧୯।୧୦(ବି.ପ୍ର.)

ନବରଙ୍ଗପୁର ଜିଲା ସଦର ମହାକୁମା ଡାକ୍ତରଖାନାରେ ୨୧ ତାରିଖରେ ବାୟୁ ସ୍ୱାସ୍ଥ୍ୟସେବା ସୁବିଧା ରୋଗୀଙ୍କୁ ମିଳିବ। ଏନେଇ ଜିଲାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ସମେତ ନବରଙ୍ଗପୁର ଓ ଉମରକୋଟ ପୌରାଞ୍ଚଳରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରଚାର ପ୍ରସାର କରାଯାଇଥିଲା। ବୁଧବାର ସୁଦ୍ଧା ୭୨୩ ଜଣ ରୋଗୀ ଚିହ୍ନଟ ହୋଇଛନ୍ତି । ସେଥିମଧ୍ୟରୁ ୭୦ ଜଣ ରୋଗୀ ଜିଲା ସଦର ମହକୁମା ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ୨୦ ତାରିଖରେ ୮ ଜଣ ବିଶେଷଜ୍ଞ ଡାକ୍ତର ଆସିବା ପରେ ଉକ୍ତ ରୋଗୀମାନଙ୍କ ମଧ୍ୟରୁ ଅସ୍ତ୍ରୋପଚାର ପାଇଁ ସ୍କିନିଂ

**ଅସ୍ତ୍ରୋପଚାର କରିବେ ୫ ଜଣ ସୁପର ସ୍ପେଶାଲିଷ୍ଟ**

କରାଯିବ। ୨୧ ତାରିଖରେ ୫ ଜଣ ସୁପର ସ୍ପେଶାଲିଷ୍ଟ ଆସିବେ। ତୁରନ୍ତ ଆବଶ୍ୟକ ରୋଗୀଙ୍କ ଅସ୍ତ୍ରୋପଚାର କରାଯିବ। ଏ ନେଇ ଦୁଇଟି ଅସ୍ତ୍ରୋପଚାର କକ୍ଷର ବ୍ୟବସ୍ଥା କରାଯାଇଛି। ଅସ୍ଥିଶଲ୍ୟ, ହୃଦ୍‌ରୋଗ, ମୂତ୍ରାଶୟ, ଯକୃତ, ସ୍ନାୟୁଗତ ସମସ୍ୟା, ଥାଇରଏଡ୍ ଓ ଗ୍ୟାଷ୍ଟିକ୍ ଭଳି ସମସ୍ୟା ଥିବା ରୋଗୀଙ୍କୁ ମାଗଣା ନିଦାନ ଓ ଚିକିତ୍ସା ମିଳିବ। ସୁପର ସ୍ପେଶାଲିଷ୍ଟମାନେ ୨୨ ଓ ୨୩ ତାରିଖରେ ଫେରିବେ ବୋଲି ସୂଚନା ମିଳିଛି। ସ୍ଥାନୀୟ ବିଶେଷଜ୍ଞ ଡାକ୍ତରମାନେ ବାହାରୁ ଆସିଥିବା ସୁପର ସ୍ପେଶାଲିଷ୍ଟମାନଙ୍କୁ ଅସ୍ତ୍ରୋପଚାର ସମୟରେ ସହଯୋଗ କରିବେ। ଅଲ୍‌ଟ୍ରାସାଉଣ୍ଡ, ଇକୋ, ଏଣ୍ଡୋସ୍କୋପି, ଏକ୍ସ-ରେ, ପେପ୍ରୋସ୍କୋପି ଆଦି ସୁବିଧା ଯୋଗାଇ ଦିଆଯାଇଛି। ସାମାନ୍ୟ ଅସ୍ତ୍ରୋପଚାର ସ୍ଥାନୀୟ ବିଶେଷଜ୍ଞମାନଙ୍କ ଦ୍ୱାରା ଓ ଜଟିଳ ଅସ୍ତ୍ରୋପଚାର ସୁପର ସ୍ପେଶାଲିଷ୍ଟମାନଙ୍କ ଦ୍ୱାରା କରାଯିବ। ଏଥିପାଇଁ ଜିଲାର ବିଭିନ୍ନ ଡାକ୍ତରଖାନାରୁ ୨୦ ଜଣ ଡାକ୍ତର, ଫାର୍ମାସିଷ୍ଟ, ଷ୍ଟାଫ୍ ନର୍ସ ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ନିୟୋଜିତ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର କାଳୀପ୍ରସାଦ ବେହେରା ସମସ୍ତ କାର୍ଯ୍ୟକ୍ରମ ତଦାରଖ କରୁଛନ୍ତି ।

# ବ୍ଲକ ଅଫିସ୍ ଆଗରେ ଝରିଗାଁ ନାରୀ ମହାସଂଘର ବିକ୍ଷୋଭ

ଝରିଗାଁ, ୧୯।୧୦(ସ୍ୱ.ପ୍ର.)



ବ୍ଲକ କାର୍ଯ୍ୟାଳୟ ଆଗରେ ମହାସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ବିଭିନ୍ନ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ**

- ଗାଁରେ ବିଦ୍ୟୁତ୍ ସଂଯୋଗ, ରାସ୍ତା, ନଳକୂପ ଦାବି
- ଠିପିଖୋଲା ମଦ ଦୋକାନ ବନ୍ଦ ନେଇ ଦାବିପତ୍ରରେ ଉଲ୍ଲେଖ

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ନାରୀ ମହାସଂଘ ପକ୍ଷରୁ କେତେକ ଦାବି ନେଇ ବ୍ଲକର ବିଭିନ୍ନ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରଥମେ ସ୍ଥାନୀୟ ଏଫ୍‌ସିଆଇ ଗୋଦାମ ନିକଟରେ ଶହଶହ ମହିଳା ଏବଂ ପୁରୁଷ ଏକତ୍ରିତ ହୋଇଥିଲେ। ପରେ ଏକ ବିରାଟ ଶୋଭାଯାତ୍ରା ବାହାରି ପ୍ରଥମେ ଝରିଗାଁ ବିଦ୍ୟୁତ୍ କାର୍ଯ୍ୟାଳୟରେ ପହଞ୍ଚିଥିଲା। ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବା ଗାଁରେ ବିଦ୍ୟୁତ୍ ସଂଯୋଗ କରିବା ନେଇ ଦାବିପତ୍ର ପ୍ରଦାନ କରାଯାଇଥିଲା। ପରେ ଝରିଗାଁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଝରିଗାଁ ବ୍ଲକରେ ଥିବା ନୂତନ ଠିପିଖୋଲା ବିଦେଶୀ ମଦ ଦୋକାନ ବନ୍ଦ କରିବା ପାଇଁ ଦାବିପତ୍ର ପ୍ରଦାନ କରାଯାଇଥିଲା। ସେହିପରି ଶୋଭାଯାତ୍ରାକାରୀମାନେ ଝରିଗାଁ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ରାସ୍ତା ନଥିବା ଗ୍ରାମଗୁଡିକୁ ଚିହ୍ନଟ କରି ନୂତନ ରାସ୍ତା ନିର୍ମାଣ, ନଳକୂପ ନ ଥିବା ଗ୍ରାମରେ ନୂତନ ନଳକୂପ ଖନନ ସହ ହାତିବାଡ଼ି ଗ୍ରାମରେ ପିଡିଏସ୍ ଚାଉଳ ବଣ୍ଟନ ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ଶେଷରେ ଝରିଗାଁ ବନ ବିଭାଗ କାର୍ଯ୍ୟାଳୟ ଏବଂ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଜଙ୍ଗଲ ଜମିପଟ୍ଟା ପ୍ରଦାନ ପାଇଁ ଦାବିପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମର ନେତୃତ୍ୱ ଉର୍ମିଳା ସାହୁ, କୁମାରୀ ସନ୍ତା, ମୁକ୍ତା ଦଳେଇ, ସୂର୍ଯ୍ୟ ସନ୍ତା ପ୍ରମୁଖ ନେଇଥିଲେ।

# ଗ୍ରାମବାସୀ, ସରପଞ୍ଚ ଦେଲେ ଧାରଣା

## ବିଦ୍ୟାଳୟରେ ଶିକ୍ଷକ ଅଭାବର ପ୍ରତିବାଦ

- ୧୯୫୩ରୁ ପ୍ରତିଷ୍ଠା ହୋଇଛି ବିଦ୍ୟାଳୟ
- ଶହେ ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ହଷ୍ଟେଲରେ ରହୁଛନ୍ତି ୨ଶହ
- ୧୫ ଦିନ ମଧ୍ୟରେ ଆସିବେ ଜଣେ ଶିକ୍ଷକ: ଡବ୍ଲ୍ୟୁଇଓ

ପଟ୍ଟାଙ୍ଗୀ,୧୯।୧୦(ଡି.ଏନ୍.ଏ.)

ସୀମାନ୍ତାଞ୍ଚଳ ହେଉ ବା ସହରାଞ୍ଚଳରେ ଉନ୍ନତ ଶିକ୍ଷା ବ୍ୟବସ୍ଥା ନେଇ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ମାତ୍ର ଶିକ୍ଷୟିତ୍ରୀ ଶିକ୍ଷକ ନିଯୁକ୍ତି କ୍ଷେତ୍ରରେ ଗୁରୁତ୍ୱ ଦେଉ ନ ଥିବାରୁ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ପ୍ରତିବନ୍ଧକ ସୃଷ୍ଟି ହେଉଛି। କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକର ଏକ ବିଦ୍ୟାଳୟରେ ଶିକ୍ଷକ ଅଭାବ ଯୋଗୁ ପାଠପଢ଼ାରେ ବାଧା ସୃଷ୍ଟି ହେଉଛି। ବୁଧବାର ଗ୍ରାମବାସୀ ଏହାର ପ୍ରତିବାଦ କରିଛନ୍ତି। ସରପଞ୍ଚ ଓ ଗ୍ରାମବାସୀ ଶିକ୍ଷକ ନିଯୁକ୍ତି ନେଇ ଧାରଣା ଦେଇଥିଲେ। ଆନ୍ଧ୍ର ରାଜ୍ୟ ସୀମାନ୍ତ ସମ୍ବାଇ ପଞ୍ଚାୟତରେ ଥିବା ଅନୁସୂଚିତ ଜାତି ଓ ଜନଜାତି ବିଭାଗର ସେବାଶ୍ରମ ବିଦ୍ୟାଳୟ କ୍ଷେତ୍ରରେ ଏପରି ଦେଖିବାକୁ ମିଳିଛି।

ଖବରରୁ ଜଣାପଡ଼ିଛି ସମ୍ବାଇ ପଞ୍ଚାୟତରେ ଏହି ବିଦ୍ୟାଳୟ ୧୯୫୩ ମାର୍ଚ୍ଚରେ ପ୍ରତିଷ୍ଠା ହୋଇଥିଲା। ଏଠାରେ ପ୍ରଥମରୁ ସପ୍ତମ ଶ୍ରେଣୀ ଯାଏ ପାଠ ପଢ଼ିବା ସୁବିଧା ରହିଛି। ୧୦୦ ଶଯ୍ୟା ବିଶିଷ୍ଟ ହଷ୍ଟେଲ ରହିଛି। କେବିକେ ହଷ୍ଟେଲରେ ୪୦ ଓ ପିଏସ୍ଏଚ୍ ହଷ୍ଟେଲରେ ୪୦ ଛାତ୍ରୀଛାତ୍ର ରହି ପାଠ ପଢିବା ସୁବିଧା ଥିବା ବେଳେ ବର୍ତ୍ତମାନ ୨ଶହ ଛାତ୍ରୀଛାତ୍ର ପଢୁଛନ୍ତି। ମାତ୍ର ଛାତ୍ରୀଛାତ୍ରଙ୍କ ତୁଳନାରେ ଶିକ୍ଷକ ନାହାନ୍ତି। ୨ଜଣ ଶିକ୍ଷୟିତ୍ରୀ ଶିକ୍ଷକ ପିଲାଙ୍କୁ ପାଠ ପଢ଼ାଉଛନ୍ତି। ଏନେଇ ଅଭିଭାବକମାନେ ଅନେକ ଥର ବ୍ଲକ ପ୍ରଶାସନକୁ ଲିଖିତ ରୂପେ ଜଣାଇଥିଲେ ମଧ୍ୟ କିଛି ସୁଫଳ ନ ମିଳିବାରୁ ବୁଧବାର ଅଭିଭାବକମାନେ ବିଦ୍ୟାଳୟର ମୁଖ୍ୟ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ। ଅଭିଭାବକଙ୍କ ସହ ସରପଞ୍ଚ ସାମିଲ ହୋଇଥିଲେ। ଖବର ପାଇ ବ୍ଲକ ଡବ୍ଲ୍ୟୁଇଓ ସନ୍ତୋଷ ଚୌଧୁରୀ ଘଟଣାସ୍ଥଳରେ ପହଞ୍ଚି ଧାରଣାରତ ଅଭିଭାବକମାନଙ୍କୁ ବୁଝାସୁଝା କରିଥିଲେ। ଆସନ୍ତା ୧୫ ଦିନ ମଧ୍ୟରେ ବିଦ୍ୟାଳୟକୁ ଜଣେ ଶିକ୍ଷକ ଯୋଗାଇଦେବାକୁ ବୁଝାଇ ଡବ୍ଲ୍ୟୁଓ ସୁନୀଲ ତାଣ୍ଡି ପ୍ରକାଶ କରିଥିଲେ। ପ୍ରତିଶ୍ରୁତି ପରେ ଅଭିଭାବକମାନେ ଧାରଣାରୁ ଉଠିଥିଲେ। ଏହି ସମୟରେ ଅଭିଭାବକମାନେ ଡିଡବ୍ଲ୍ୟୁଓଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଚୌଧୁରୀଙ୍କୁ ପ୍ରଦାନ କରିଥିଲେ। ଏଥିରେ ବିଦ୍ୟାଳୟକୁ ୩ଜଣ ଶିକ୍ଷକ ଯୋଗାଇ ଦେବାକୁ ସେମାନେ ଦାବି କରିଛନ୍ତି। ବିଦ୍ୟାଳୟ ସଭାପତି ପାଣ୍ଡୁ ଖରା, ସରପଞ୍ଚ କିଶୋର ଖରା, ସାମାଜିକ କର୍ମୀ ଗୋବିନ୍ଦ ଖରା, ପୂର୍ବତନ ସରପଞ୍ଚ ତ୍ରିନାଥ ପାଙ୍ଗୀ, ପିଲକ ଗୁଣ୍ଡା, ପୂର୍ବତନ ସମିତିସଭ୍ୟ ରବୀନ୍ଦ୍ର ପୂଜାରୀଙ୍କ ସମେତ ଅନେକ ଅଭିଭାବକ ଉପସ୍ଥିତ ଥିଲେ।



ଅଭିଭାବକମାନେ ବ୍ଲକ ଡବ୍ଲ୍ୟୁଇଓଙ୍କୁ ଦାବିପତ୍ର ଦେଉଛନ୍ତି।

# ଆନ୍ଧ୍ର ବ୍ୟବସାୟୀଙ୍କଠାରୁ ଲୁଟ୍ ଘଟଣାରେ ୩ ଗିରଫ


ଗିରଫ ଅଭିଯୁକ୍ତଙ୍କ ସମ୍ପର୍କରେ ଥାନା ଅଧିକାରୀ ସୂଚନା ଦେଉଛନ୍ତି।

ନାରାୟଣପାଟଣା,୧୯।୧୦(ଡି.ଏନ.ଏ.)

ନାରାୟଣପାଟଣା ଥାନା ବିରିପୁର ଗ୍ରାମରୁ ଗତ ୧୩ ତାରିଖରେ ଦୁର୍ବୃତ୍ତମାନେ ଜଣେ ଆନ୍ଧ୍ର ବ୍ୟବସାୟୀଙ୍କଠାରୁ ୪ ଲକ୍ଷ ୨୦ ହଜାର ଟଙ୍କା ଲୁଟି ନେଇଥିଲେ। ଏହି ଘଟଣାରେ ବୁଧବାର ପୋଲିସ ୩ଜଣଙ୍କୁ ଗିରଫ କରିଥିବା ନାରାଣପାଟଣା ଥାନା ଅଧିକାରୀ ରଘୁନାଥ ମାଝୀ କହିଛନ୍ତି। ଗିରଫ ଅଭିଯୁକ୍ତମାନଙ୍କଠାରୁ ୧ଲକ୍ଷ ୯୮ ହଜାର ଟଙ୍କା ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ମାଛକୁଣ୍ଡର ସନ୍ତୋଷ ମୂଷାପାରିଆ, ଭୋଗୁ ହନ୍ତାଲ ଓ ବିରିପୁର ଗ୍ରାମର ସିଲେରୁ ସିମାଞ୍ଚଳ। କେସ୍ ନଂ. ୯୧/୨୨।

ଗତ ୧୨ ତାରିଖରେ ମାଛକୁଣ୍ଡ ଅଞ୍ଚଳର ଏହି ଦୁଇ ବ୍ୟକ୍ତି ଶ୍ରୀନିବାସଙ୍କୁ ଶସ୍ତାରେ ଲେମନ ଗ୍ରାସ ତେଲ ଯୋଗାଇ ଦେବାକୁ କହି ତାଙ୍କୁ ୪ଲକ୍ଷ ୨୦ହଜାର ଟଙ୍କା ଧରି ଆସିବା ପାଇଁ କହିଥିଲେ। ଶ୍ରୀନିବାସ ମାଛକୁଣ୍ଡର ଏହି ଦୁଇ ଅଭିଯୁକ୍ତଙ୍କ ସହ ନିଜର ଏକ ଜେସିବି ମେଶିନ ବିକ୍ରିକରି ୪ ଲକ୍ଷ ଟଙ୍କା ଧରି ମାଣ୍ଡିଆଗୁଡ଼ା ଛକ ନିକଟକୁ ଯାଇଥିଲେ। ସେଠାରେ ପହଞ୍ଚିବା ପରେ ପୂର୍ବ ଯୋଜନା ଅନୁଯାୟୀ ସେଠାରେ ପୂର୍ବରୁ ଲୁଚି ରହିଥିବା ୧୫ ଜଣ ଠେଙ୍ଗାବାଡ଼ିରେ ଶ୍ରୀନିବାସଙ୍କୁ ଆକ୍ରମଣ କରିଥିଲେ। ଶ୍ରୀନିବାସ ପ୍ରାଣ ଭୟରେ ସେଠାରୁ ଖସି ପଳାଇଥିଲେ। ସେଠାରେ ଥିବା ଅନ୍ୟ ୨ ଜଣ ମଧ୍ୟ ଆକ୍ରମଣର ଶିକାର ହୋଇଥିବା ବାହାନା କରିଥିଲେ। ଶ୍ରୀନିବାସ ଏହା ଜାଣି ନ ପାରି ଏହି ଦୁଇ ବ୍ୟକ୍ତିଙ୍କୁ ଧରି ଥାନାରେ ଏତାଲା ଦେବାକୁ ଯାଇଥିଲେ। ପୋଲିସର ଖୋଳତାଡ଼ ପରେ ଅଭିଯୋଗକାରୀମାନେ ଅଭିଯୁକ୍ତ ବୋଲି ପୋଲିସ ଜାଣି ପାରିଥିଲା। ପରେ ପୋଲିସ ଜାଲ ବିଛାଇ ଘଟଣାର ପର୍ଦ୍ଦାଫାଶ କରିଥିଲା। ଫେରାର୍ ଥିବା ଅନ୍ୟମାନଙ୍କୁ ଖୋଜା ଚାଲିଛି। ସେମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ଥାନା ଅଧିକାରୀ କହିଛନ୍ତି।

## ସଂକ୍ଷେପରେ

### ବୈଦ୍ୟ ଶ୍ରୀଧନ୍ୱନ୍ତରୀ ଦିବସ ପାଳନ ନେଇ ବୈଠକ

ଜୟପୁର,୧୯।୧୦(ନି.ପ୍ର.)-ଜୟପୁର ଦୈନିକ ବଜାରସ୍ଥିତ ଶ୍ରୀନିବାସ ଆୟୁର୍ବେଦ ଭବନ ପରିସରରେ ବୈଦ୍ୟ ଶ୍ରୀଧନ୍ୱନ୍ତରୀ ଦିବସ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି କବିରାଜ ପରମେଶ୍ୱର ପାତ୍ର ଅଧକ୍ଷତା କରିଥିଲେ। ଆସନ୍ତା ୨୩ରେ ଗୀତାଭବନଠାରେ ପୂଜା, ହୋମ ସହ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ କରିବା ପାଇଁ ନିଷ୍ପତ୍ତି ହୋଇଛି। ବୈଠକରେ କବିରାଜ କ୍ଷେତ୍ରବାସୀ ପଣ୍ଡା, କବିରାଜ ପରିଷଦର ସହ ସମ୍ପାଦକ ସତ୍ୟନାରାୟଣ ପରିଛା, ମୁଖ୍ୟ ଉପଦେଷ୍ଟା ଶ୍ରୀରାମ ଗୌଡ଼, ବୈଦ୍ୟ ଶ୍ରୀନିବାସ ପାତ୍ର, ହିମାଂଶୁ ପାଣିଗ୍ରାହୀ, ପୂର୍ଣ୍ଣଚନ୍ଦ୍ର ପରିଚ୍ଛା ପ୍ରମୁଖ ଉପସ୍ଥିତ ଥିଲେ।

### ସୁନାବେଡା ମହିଳା ଡିଗ୍ରୀ ମହାବିଦ୍ୟାଳୟ ପକ୍ଷରୁ ସ୍ୱଚ୍ଛତା ଅଭିଯାନ




ସୁନାବେଡା,୧୯।୧୦(ସ୍ୱ.ପ୍ର.): ସୁନାବେଡା ଡିଗ୍ରୀ ମହିଳା ମହାବିଦ୍ୟାଳୟଠାରେ ବୁଧବାର ଭାରତ ସରକାରଙ୍କ ଯୁବ ଏବଂ ଖେଳ ମନ୍ତ୍ରଣାଳୟ ପରାମର୍ଶରେ ଏକ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷା ଉଷାରାଣୀ ଦାସଙ୍କ ତତ୍ତ୍ୱାବଧାନରେ ମୋ କଲେଜ, ଏନଏସଏସ ଓ ୱାଇଆରସିର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ସ୍ୱେଚ୍ଛାସେବୀମାନେ ଦୈନିକ ମାର୍କେଟ ନିକଟସ୍ଥ ବାପୁଜି କଲୋନୀ ଅଙ୍ଗନୱାଡି କେନ୍ଦ୍ର ପରିଷ୍କାର କରିବା ସହ ପ୍ଲାଷ୍ଟିକ ବ୍ୟବହାରର କୁପ୍ରଭାବ, ପରିବେଶ ସୁରକ୍ଷା ଉପରେ ଲୋକଙ୍କୁ ସଚେତନ କରିଥିଲେ। ଏହି ଅବସରରେ ଏକ ପଦଯାତ୍ରା ମହାବିଦ୍ୟାଳୟ ପରିସରରୁ ବାହାରି ବାପଜୀ କଲୋନୀ, ସୁନାବେଡା ମାର୍କେଟ ଦେଇ ହନୁମାନ ମାର୍କେଟରେ ପହଞ୍ଚିଥିଲା। କାର୍ଯ୍ୟକ୍ରମରେ ମୋ କଲେଜ ସଂଯୋଜିକା ବାସନ୍ତୀ ପଟ୍ଟନାୟକ, ଏନଏସଏସ ପ୍ରୋଗ୍ରାମ ଅଫିସର ସରିତା ପରିଡା, ୱାଇଆରସି କାଉନସିଲର ଶୁଭଶ୍ରୀ ପରିଡା ସହଯୋଗ କରିଥିଲେ।

### ରାସ୍ତା ନିର୍ମାଣ ଦାବି କଲେ ଗ୍ରାମବାସୀ



ଦଶମନ୍ତପୁର, ୧୯।୧୦।( ଡି.ଏନ.ଏ.): କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତର କେ.ଡ଼ଣ୍ଡାବାଡ ଗ୍ରାମଯାଏ ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ବୁଧବାର ବ୍ଲକ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏହି ଅବସରରେ ସେମାନେ ପ୍ରଶାସନକୁ ଏକ ଦାବିପତ୍ରଦେଇଛନ୍ତି। ଗ୍ରାମବାସୀଙ୍କ ପାଇଁ ଉପଯୁକ୍ତ ରାସ୍ତା ନ ଥିବାରୁ ସେମାନେ କଂଗ୍ରେସ ବ୍ଲକ ସଭାପତି ବେଣୁଧର ପାତ୍ର ଏବଂ ପୂର୍ବତନ ବ୍ଲକ ଅଧକ୍ଷ ରାଜେନ୍ଦ୍ର ହୁଇକାଙ୍କ ନେତୃତ୍ୱରେ ବିଡିଓ ଡମ୍ବରୁଧର ମଲ୍ଲିକଙ୍କୁ ଭେଟି ସମସ୍ୟା ଜଣାଇବା ସହ ଦାବିପତ୍ର ଦେଇଛନ୍ତି। ୧୦୦ ପରିବାର ବସବାସ କରୁଥିବା ଗ୍ରାମବାସୀଙ୍କ ପାଇଁ ରାସ୍ତା ସମସ୍ୟା ଯୋଗୁ ଆମେ ନାହିଁ ନ ଥିବା ହଇରାଣ ହେଉଛୁ ବୋଲି କହିଛନ୍ତି ଗ୍ରାମର ରାଜେଶ୍ୱର ବାଘ, ସାଲ ସାଉନ୍ତା, ସସ୍ମିତା ବାଘ, ବାଙ୍ଗାରି ହିକକା, ଶୁବାଇ ହିକକା, ୱାର୍ଡ ସଭ୍ୟା ସବିତା ହିକକା। ଏ ଦିଗରେ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ସେମାନେ ଜିଲାପାଳଙ୍କ ଦ୍ୱାରସ୍ଥ ହେବେ ବୋଲି ପ୍ରକାଶ କରିଛନ୍ତି। ଖୁବଶୀଘ୍ର ଦୁଇ ସାହି ପାଇଁ ରାସ୍ତା ବ୍ୟବସ୍ଥା ହେବ ବୋଲି ବିଡିଓ ମଲ୍ଲିକ ପ୍ରତିଶ୍ରୁତି ଦେଇଛନ୍ତି।

### ସେଫାଳି ପାହାଡ଼ରେ ହାତୀପଲ

ଗୁଣପୁର,୧୯।୧୦(ଡି.ଏନ୍.ଏ.)
ଗୁଣପୁର ସହର ନିକଟରେ ବର୍ଷେ ହେଲା ୬ ଟିକିଆ ହାତୀପଲଙ୍କ ଉପଦ୍ରବ ଜାରି ରହିଛି। କେତେବେଳେ କାହା ଘର ଭାଙ୍ଗୁଛନ୍ତି ତ ଆଉ କେତେବେଳେ ବ୍ୟାପକ ଫସଲ ନଷ୍ଟ କରୁଛନ୍ତି। ଗତକିଛି ଦିନ ଧରି ହାତୀପଲ ନୂଆଗାଁ, ସୌରା ପ୍ରଧାନୀଗୁଡ଼ା ବନାଞ୍ଚଳରେ ଘୁରି ବୁଲୁଥିବା ବେଳେ ବୁଧବାର ସହରକୁ ଲାଗି ରହିଥିବା ସେଫାଳି ପାହାଡ଼ ତଥା ଶବରୀ ବିହାର ନିକଟ ପାହାଡ଼ରେ ଥିବା ସୂଚନା ମିଳିଛି। ଫଳରେ ସ୍ଥାନୀୟ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ବନବିଭାଗ ପକ୍ଷରୁ ହାତୀପଲର ଗତିବିଧି ଉପରେ ନଜର ରଖାଯାଇଛି। ହାତୀ ସହର ନିକଟରେ ଥିବାରୁ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି।

# ପଲିଥିନ ତଳେ ୭ ପ୍ରାଣୀଙ୍କ ଜୀବନ

ଦଶମନ୍ତପୁର,୧୯।୧୦( ଡି.ଏନ.ଏ.)

ପକ୍କାଘର ଖଣ୍ଡିଏ ନାହିଁ। ପଲିଥିନ ଢଙ୍କା ଛଣଛପର ଘରେ ମୁଣ୍ଡ ଗୁଞ୍ଜିଛନ୍ତି ୭ ପ୍ରାଣୀ। ଘର ଭିତରୁ ଦିନରେ ସୂର୍ଯ୍ୟ ରାତିରେ ତାରା ଦେଖାଯାଉଛି। ବର୍ଷାଦିନେ ବର୍ଷାପାଣି ଗଳି ନାହିଁ ନ ଥିବା ଅବସ୍ଥା ଭୋଗୁଛନ୍ତି ସମସ୍ତେ। ଟିକେ ପବନ ହେଲେ କାନ୍ଥରୁ ମାଟି ଖସୁଛି। ଏପରି ଜଣେ ଅସହାୟ ଅବହେଳିତ ପରିବାର ହେଉଛନ୍ତି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଲୁଲା ପଞ୍ଚାୟତର କୁମ୍ଭାରଲୁଲା ଗ୍ରାମର ମୋହନ ଚେଟ୍ଟୀଙ୍କ ପରିବାର। ସ୍ତ୍ରୀ ତାରା, ପୁଅ ବୋହୂ ଓ ୩ ଝିଅଙ୍କୁ ନେଇ ତାଙ୍କ ସଂସାର। ସରକାରୀ ସହାୟତା ଭାବେ ମିଳୁଛି କେବଳ ଚାଉଳ। ମୋହନ ନିଜ ଜମିରେ ଚାଷ କରୁଥିବା ବେଳେ ବଡ଼ ପୁଅ ଦିନ ମଜୁରିଆ ଭାବେ ମଜୁରି ଖଟୁଛନ୍ତି। ଦୀର୍ଘଦିନ ହେଲା ଭଙ୍ଗାରୁଜା ଛଣଛପର ଘରେ ଦୟନୀୟ ଅବସ୍ଥାରେ ଚଳୁଛନ୍ତି ମୋହନଙ୍କ ପରିବାର। ଗତ ବର୍ଷ ଝଡ଼ତୋଫାନରେ ଘର ଭାଙ୍ଗିଲା। ଏ ବିଷୟରେ ସ୍ଥାନୀୟ ଆର୍ଆଇଙ୍କୁ ଲିଖିତ ଭାବେ ଜଣାଇଥିଲେ ମଧ୍ୟ ତାଙ୍କୁ ପଲିଥିନ ଖଣ୍ଡେ ମିଳିଲାନାହିଁ। ନିଜେ ପଲିଥିନ କିଣି ଘର ଉପରେ ଢାଙ୍କିଛନ୍ତି ସେ। ଅଭାବ ଯୋଗୁ ଘର ଖଣ୍ଡେ କରିପାରି ନ ଥିବା ମୋହନ ଆବାସ ଯୋଜନାରେ ସାମିଲ ପାଇଁ ଅନେକ ଥର ପଞ୍ଚାୟତର ସରପଞ୍ଚ ଓ ପିଇଓଙ୍କୁ ଲିଖିତ ଭାବେ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ ବୋଲି କହନ୍ତି। ତାଙ୍କ ପରିବାର ପ୍ରତି ପ୍ରଶାସନିକ ଅବହେଳାର ପ୍ରତିକାର ନ କଲେ ସେମାନେ ସମସ୍ତେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ସେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ପିଇଓଙ୍କୁ ପଚାରିବାରୁ ଏହାର ଅନୁଧ୍ୟାନ କରି ପଦକ୍ଷେପ ନେବେ ବୋଲି କହିଛନ୍ତି।


ମୋହନଙ୍କ ପରିବାର।

## ଆବାସ ଯୋଜନାରୁ ଦୂରରେ ମୋହନଙ୍କ ପରିବାର

# କର୍କଟ ରୋଗୀଙ୍କ ତଥ୍ୟ ଦେବା ବାଧ୍ୟତାମୂଳକ

## କ୍ୟାନସରକୁ 'ରିପୋର୍ଟେବଲ ଡିଜିଜ୍' ଘୋଷଣା କଲେ ରାଜ୍ୟ ସରକାର

ଭୁବନେଶ୍ୱର, ୧୯।୧୦(ବ୍ୟୁରୋ)

ଓଡ଼ିଶାରେ କ୍ୟାନ୍ସରକୁ 'ରିପୋର୍ଟେବଲ ଡିଜିଜ୍' ଭାବେ ରାଜ୍ୟ ସରକାର ବୁଧବାର ଘୋଷଣା କରିଛନ୍ତି। ଏ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଦେଶରେ କର୍କଟ ରୋଗର ନିରାକରଣ, ନିୟନ୍ତ୍ରଣ ପାଇଁ ରୋଗୀଙ୍କ ତଥ୍ୟ ରଖିବା ବାଧ୍ୟତାମୂଳକ ବୋଲି ଇଣ୍ଡିଆନ କାଉନ୍ସିଲ ଅଫ୍ ମେଡିକାଲ ରିସର୍ଚ୍ଚ(ଆଇସିଏମ୍ଆର୍) ପକ୍ଷରୁ ସୁପାରିଶ କରାଯାଇଛି। ଏସବୁକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର କର୍କଟ ରୋଗକୁ ଗୁରୁତ୍ୱ ଦେବା ସହିତ ରୋଗୀଙ୍କ ତଥ୍ୟ ଦେବା ବାଧ୍ୟତାମୂଳକ କରିଛନ୍ତି।

ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି, ରାଜ୍ୟରେ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକରେ କର୍କଟ ରୋଗୀଙ୍କ ତଥ୍ୟ ଠିକ୍ ଭାବେ ରହୁନାହିଁ। ଏପରିକି ବହୁତ ରୋଗୀଙ୍କ ତଥ୍ୟ ମଧ୍ୟ ସାମ୍ନାକୁ ଆସୁନାହିଁ। ଏହି ରୋଗକୁ ଶୀଘ୍ର ଚିହ୍ନଟ ସହ ଚିକିତ୍ସା କରିବା ପାଇଁ ସମସ୍ତ କର୍କଟ ରୋଗୀ ଉପଯୁକ୍ତ କର୍ତ୍ତୃପକ୍ଷଙ୍କୁ ଜଣାଇବା ଉଚିତ। ସମସ୍ତ ହସ୍ପିଟାଲ, ପାଥୋଲୋଜିକାଲ୍, କ୍ଲିନିକାଲ୍ ଏବଂ ରେଡିଓଲୋଜିକାଲ୍ ଲାବ୍, ମେଡିକାଲ ଶିକ୍ଷା ପ୍ରଦାନ କରୁଥିବା ଅନୁଷ୍ଠାନ, ପାଲିଏଟିଭ୍ କେୟାର କର୍ତ୍ତୃପକ୍ଷ କର୍କଟ ରୋଗୀଙ୍କ ସମସ୍ତ ତଥ୍ୟ ଦେବାକୁ ବାଧ୍ୟ କରାଯାଇଛି। ସମସ୍ତ ଡାକ୍ତର, ପାଥୋଲୋଜିଷ୍ଟ, ହସ୍ପିଟାଲଗୁଡ଼ିକ ରୋଗ ଚିହ୍ନଟ ହେବାର ଦୁଇ ସପ୍ତାହ ମଧ୍ୟରେ ତଥ୍ୟ ଦେବାକୁ କୁହାଯାଇଛି। ବିଜ୍ଞପ୍ତି ଜାରି ହେବାଦିନଠାରୁ ଏହି ନିୟମକୁ ମାନିବା ପାଇଁ କଡ଼ା ନିର୍ଦ୍ଦେଶ ଦିଆଯାଇଛି।

# ଅବହେଳିତ ହେଉଛନ୍ତି ଯୁବ ଖେଳାଳି

## ଇନ୍ଡୋର ଷ୍ଟାଡିୟମ ନାହିଁ

ଚିତ୍ରକୋଣ୍ଡା,୧୯।୧୦(ଡି.ଏନ.ଏ.)

ରାଜ୍ୟରେ କ୍ରୀଡ଼ା କ୍ଷେତ୍ରର ବିକାଶ ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ଖେଳାଳିମାନଙ୍କୁ ଉତ୍ସାହିତ କରି ବିଭିନ୍ନ ସ୍ଥାନରେ ଷ୍ଟାଡିୟମମାନ ନିର୍ମାଣ କରୁଛନ୍ତି। ବିଭିନ୍ନ ପ୍ରତିଯୋଗିତା କରି ଖେଳାଳିମାନଙ୍କୁ ପୁରସ୍କୃତ କରି ସେମାନଙ୍କୁ ଉତ୍ସାହିତ କରୁଛନ୍ତି। କ୍ରୀଡ଼ା କ୍ଷେତ୍ରରେ ମାଲକାନଗିରି ଜିଲାର ଖେଳାଳିମାନଙ୍କ ରାଜ୍ୟ ପାଇଁ ଅବଦାନ ମଧ୍ୟ କିଛି କମ୍ ନୁହେଁ। ତେବେ ଜିଲାର କେତେକ ଅଞ୍ଚଳରେ ଏବେ ସୁଦ୍ଧା ଷ୍ଟାଡିୟମଟିଏ ନିର୍ମାଣ ହୋଇପାରିନାହିଁ। ଏଥିପାଇଁ କ୍ରୀଡ଼ା କ୍ଷେତ୍ରରେ ଯୁବ ଖେଳାଳିମାନେ ଆଗେଇ ନ ପାରି ଅବହେଳିତ ହେଉଛନ୍ତି। ଏପରି ଦେଖିବାକୁ ମିଳିଛି ଜିଲାର ଚିତ୍ରକୋଣ୍ଡା ବ୍ଲକରେ। ଚିତ୍ରକୋଣ୍ଡା ବ୍ଲକ ହେଡ୍କ୍ୱାର୍ଟର୍ସରେ ଥିବା ଖେଳ ପଡ଼ିଆରେ ବର୍ଷକରୁ ଅଧା ମାସ କେବଳ କ୍ରିକେଟ ଖେଳ ପାଇଁ ଉପଯୋଗୀ ହୋଇପାରୁଛି। ଅନ୍ୟାନ୍ୟ ଖେଳ ବ୍ୟାଡ୍ମିଣ୍ଟନ, କ୍ୟାରମ, ଚେସ୍, ଭଲିବଲ, ଟେବୁଲ ଟେନିସ ପାଇଁ ଏହା ଉପଯୋଗୀ ହୋଇପାରୁନାହିଁ। ଏଠାରେ ଇନ୍ଡୋର ଷ୍ଟାଡିୟମଟିଏ ନ ଥିବାରୁ ଖେଳାଳିମାନେ ସେମାନଙ୍କ ପ୍ରତିଭାର ଯଥାର୍ଥ ବିକାଶ କରିପାରୁନାହାନ୍ତି। କ୍ରିକେଟ ପାଇଁ ଉପଯୁକ୍ତ ହେଉଥିବା ପଡ଼ିଆରେ ଅନ୍ୟ ସମୟରେ ଅନାବନା ଗଛ ଉଠୁଥିବାରୁ ସେଠାରେ ଗୋରୁ ଚରୁଛନ୍ତି। ସନ୍ଧ୍ୟା ହେଲେ ସେଠାରେ ଅସାମାଜିକ ଲୋକଙ୍କ ଭିଡ଼ ଜମୁଛି। ଏପରି କ୍ଷେତ୍ରରେ ଇନ୍ଡୋର ଷ୍ଟାଡିୟମଟିଏ ଚିତ୍ରକୋଣ୍ଡା ପାଇଁ ନିହାତି ଆବଶ୍ୟକ ହୋଇପଡ଼ିଥିବା ସାଧାରଣରେ ମତ ପ୍ରକାଶ ପାଉଛି।

# ଭିନ୍ନକ୍ଷମ ଯତ୍ନକାରୀ ଦିବସରେ ଶୋଭାଯାତ୍ରା

କୋରାପୁଟ,୧୯।୧୦(ସ୍ୱ.ପ୍ର.)

ଶହୀଦ ଲକ୍ଷ୍ମଣ ନାୟକ ଯତ୍ନକାରୀ ମହାସଂଘ କୋରାପୁଟ, ଏକତା, ସ୍ରେଡ ଓ ୱାର୍ଡ, କେୟାର୍ସ ୱାଲଡ ଇଣ୍ଡିଆର ମିଳିତ ଆନୁକୂଲ୍ୟରେ ଓଡିଶାରେ ପ୍ରଥମ ଥର କୋରାପୁଟରେ ଭିନ୍ନକ୍ଷମ ଯତ୍ନକାରୀ ଦିବସ ପାଳିତ ହୋଇଛି। କୋରାପୁଟ ଜିଲାର ୮ଟି ବ୍ଲକରୁ ୨୨୦ରୁ ଉର୍ଦ୍ଧ୍ୱ ଯତ୍ନକାରୀ ଯୋଗ ଦେଇଥିଲେ। ନିଶାଣୀମୁଣ୍ଡାଠାରେ ଯତ୍ନକାରୀମାନେ ପୂଜାର୍ଚ୍ଚନା କରିବା ପରେ ଏଠାରେ ଆୟୋଜିତ ଏକ ଶୋଭାଯାତ୍ରାକୁ ପୌରାଧକ୍ଷ ଲଲାଟ ଚନ୍ଦ୍ର ସେଠୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସିମାଞ୍ଚଳ ମହାପାତ୍ର ସବୁଜ ପତକା ଦେଖାଇ ଉଦ୍ଘାଟନ କରିଥିଲେ। ଅତିଥିମାନେ ଯତ୍ନକାରୀମାନଙ୍କ ସୁବିଧା ଓ ଯାହାର ଯତ୍ନ ନେଉଛନ୍ତି ଯଥା ବୃଦ୍ଧ ରୋଗୀ, ଦିବ୍ୟାଙ୍ଗ ଓ ମାନସିକ ଅସୁସ୍ଥ ରୋଗୀଙ୍କ ପାଇଁ ରହିଥିବା ସୁବିଧା ସୁଯୋଗ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ରାଲିରେ ମହାସଂଘର ସଭାପତି ଧର୍ମଞ୍ଜୟ ଖରା, ଉପସଭାପତି ସମାଣି ରଣା, ସମ୍ପାଦକ ରତନୀ ଜାନୀ, ସହ ସମ୍ପାଦକ ଚୈତନ୍ୟ ନାରାଜି, ଏକତା କୋରାପୁଟର ସମ୍ପାଦକ ଜଗନ୍ନାଥ ମିଶ୍ର, ସ୍ରେଡର ସମ୍ପାଦକ ବିଦ୍ୟୁତ୍ ମହାନ୍ତି, ୱାର୍ଡର ନିର୍ଦ୍ଦେଶିକା ରାଇଚେଲ ରାୟକୁମାରୀଙ୍କ ସମେତ ଶତାଧିକ ସଦସ୍ୟା ସଚେତନତା ଆଧାରିତ କାର୍ଡମାନ ଧରି ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ପରେ ଜିଲା ପ୍ରଶାସନକୁ ଏକ ଦାବିପତ୍ର ଦେଇଥିଲେ। ଜିଲାପାଳଙ୍କ ଅନୁପସ୍ଥିତିରେ ଉପଜିଲାପାଳ ଓ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଦାବିପତ୍ର ଗ୍ରହଣ କରିଥିଲେ।



ଅତିଥିମାନେ ସବୁଜ ପତାକା ଦେଖାଇ ଉଦ୍ଘାଟନ କରୁଛନ୍ତି।

# ଫାଇନାଲରେ ପୋନାରଗୁଡା ଚାମ୍ପିୟନ

## ଫୁଟବଲ ଟୁର୍ଣ୍ଣାମେଣ୍ଟ



ମାଲକାନଗିରି,୧୯।୧୦(ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ବ୍ଲକ ଶିଖପାଲ୍ଲୀ ପଞ୍ଚାୟତ ଉର୍ମାଗୁଡା ଗ୍ରାମରେ ଗତ ସପ୍ତାହରୁ ଆରମ୍ଭ ହୋଇଥିବା ଫୁଟବଲ ଟୁର୍ଣ୍ଣାମେଣ୍ଟ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇ ଯାଇଛି। ଫାଇନାଲ ମ୍ୟାଚରେ ପୋନାରଗୁଡା ଦଳ ନୂଆଗୁଡାକୁ ୧-୦ ଗୋଲରେ ହରାଇ ଚାମ୍ପିୟାନ ହୋଇଛି। ଉଦ୍ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ମାନସ ମାଡକାମି, ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ଆଡମା ରାବା, ଶିଖପାଲ୍ଲୀ ପୂର୍ବତନ ସରପଞ୍ଚ ମୁକା ମାଡକାମି, ଏମ୍ଭି-୧୯ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ତନ୍ମୟ ଖମାରି, ପ୍ରମୁଖ ଯୋଗ ଦେଇ ବିଜେତା ଦଳଙ୍କୁ ୨୦ ହଜାର ଟଙ୍କା ଓ ରନର୍ସଅପ୍ ଦଳକୁ ପୁରସ୍କୃତ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ଜିଲାର ବିଭିନ୍ନ ଅଞ୍ଚଳରୁ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ସଭାପତି ସନାତନ ମାଡକାମି, ସମ୍ପାଦକ ରାଜୁ ପଡିଆମିଙ୍କ ସହ କ୍ଲବ ସଦସ୍ୟମାନେ ପରିଚାଳନା କରିଥିଲେ।

# ୟୁଟ୍ୟୁବ୍ ଦେଖାଇଲା ରୋଜଗାରର ବାଟ

ମାଲକାନଗିରି, ୧୯।୧୦(ଡି.ଏନ.ଏ.)

ମାଲକାନଗିରି ଜିଲା ସଦର ମହକୁମାରେ ରହୁଥିବା ବିଶ୍ୱଜିତ ଗୋସ୍ୱାମୀ ରୋଜଗାରର ବାଟ ଦେଖାଇଛି ୟୁଟ୍ୟୁବ୍। ସେ ନିଜ ମୋବାଇଲରେ ଇଣ୍ଟରନେଟ୍ ବ୍ୟବହାର କରି ୟୁଟ୍ୟୁବରେ ରୋଜଗରର ନୂତନ ପନ୍ଥା ପାଇପାରିଛନ୍ତି। ବିଭିନ୍ନ ପ୍ରାକୃତିକ ଓ ଔଷଧୀୟ ଜିନିଷର ବ୍ୟାବହର କରି ହର୍ବଲ ଜୁସ୍ ପ୍ରସ୍ତୁତ କରି ଲୋକଙ୍କୁ ବିକ୍ରି କରି ରୋଜଗାରକ୍ଷମ ହୋଇପାରିଛନ୍ତି। ହର୍ବାଲ ଜୁସ୍ ଲୋକଙ୍କୁ ସୁସ୍ଥ ରହିବାରେ ସହାୟକ ହେଉଥିବା ଜାଣି ଏଥିପ୍ରତି ସେ ଆକୃଷ୍ଟ ହୋଇଥିଲେ ବୋଲି କହିଛନ୍ତି। ୟୁଟ୍ୟୁବ ଭିଡିଓକୁ ଆଧାର କରି ସେ ଜିଲା ସଦରସ୍ଥିତ ସର୍କିଟ ହାଉସ ନିକଟରେ ଏକ ହର୍ବଲ ଜୁସ୍ ସେଣ୍ଟର ଖୋଲିଛନ୍ତି। ବିଭିନ୍ନ ଔଷଧୀୟ ବୃକ୍ଷର ଡାଳ, ପତ୍ର ଓ ଫଳଗୁଡିକରୁ ଜୁସ୍ ପ୍ରସ୍ତୁତ କରି ବିକ୍ରି କରୁଛନ୍ତି।



ହର୍ବାଲ ଜୁସ୍ ପ୍ରସ୍ତୁତ କରୁଛନ୍ତି ବିଶ୍ୱଜିତ୍।

# ପ୍ରଶାସନ ପକ୍ଷରୁ ଜବରଦଖଲରେ ଥିବା କ୍ୟାବିନ ଉଚ୍ଛେଦ

ନାରାୟଣପାଟଣା,୧୯।୧୦(ଡି.ଏନ.ଏ.)

କୋରାପୁଟ ଜିଲା ନାରାୟଣପାଟଣା ବ୍ଲକର ବସଷ୍ଟାଣ୍ଡ ନିକଟରେ ଥିବା ପଞ୍ଚାୟତ ବଜାର ଗୃହ ସମ୍ମୁଖରେ ଥିବା କେବିନକୁ ବୁଧବାର ପ୍ରଶାସନ ଡୋଜର ଲଗାଇ ଉଠାଇନେଇଛି। ୪ ବର୍ଷ ତଳେ ନାରାୟଣପାଟଣା ପଞ୍ଚାୟତ ପକ୍ଷରୁ ଏଠାରେ ୨୧ଟି ଦୋକାନ ଗୃହ ନିର୍ମାଣ କରାଯାଇଥିଲା। ତତ୍କାଳୀନ ସରପଞ୍ଚ ଏହାକୁ ଠିକ ରୂପେ ବଣ୍ଟନ ନ କରି ଝୁଲାଇ ରଖିଥିଲେ। ଏହା ଜିଲାପାଳଙ୍କ ନଜରକୁ ଆସିବା ପରେ ବ୍ଲକ ପ୍ରଶାସନ ପକ୍ଷରୁ ବିଡିଓ, ପିଇଓ ଏବଂ ସରପଞ୍ଚ ଉପଯୁକ୍ତ ଲୋକଙ୍କୁ ବାଣ୍ଟିଥିଲେ। ମାତ୍ର ଲୋକମାନେ ଏପରି ବଣ୍ଟନ ପ୍ରକ୍ରିୟାକୁ ପସନ୍ଦ କି ନ ଥିଲେ। ବସଷ୍ଟାଣ୍ଡ ପାଖରେ ଥିବା ଦୁଇଟି କ୍ୟାବିନକୁ ସେହି ଜାଗାରେ ୧୫ ବର୍ଷ ହେବ ବ୍ୟବସାୟ କରୁଥିବା ଲୋକଙ୍କୁ ଦୋକାନ ଗୃହ ମିଳି ନ ଥିଲା। ଦୁଇଟି ଦୋକାନ ଗୃହ କିରନ ସେନାପତି, ପୀତବାସ ତୁଳଙ୍କୁ ମିଳିଥିଲା। ଫଳରେ ବ୍ୟବସାୟୀମାନେ ସେମାନଙ୍କୁ ଦୋକାନ ଗୃହ ଖୋଲିବାକୁ ଦେଇ ନ ଥିଲେ। ଦୋକାନ ଗୃହ ଆଗରେ କେବିନ ପକାଇ ବ୍ୟବସାୟ କରୁଥିଲେ। ଅନ୍ୟପକ୍ଷରେ ନିଜ ନାମରେ ମିଳିଥିବା ଦୋକାନ ଗୃହ ଖୋଲି ନ ପାରି ଗୃହ ପାଇଥିବା ବ୍ୟକ୍ତି ପଞ୍ଚାୟତକୁ ଭଡ଼ା ଦେଇ ଆସୁଥିଲେ। ସେମାନେ ଲିଖିତ ଭାବେ ପ୍ରଶାସନକୁ ଜଣାଇଥିଲେ। ଗୃହ ସମ୍ମୁଖରେ ଜବରଦସ୍ତ କ୍ୟାବିନ ପକାଇ ବ୍ୟବସାୟ କରୁଥିବା ବ୍ୟବସାୟୀ ଉପେନ୍ଦ୍ର ସାହୁକାର, ମହେଶ କୁମାରଙ୍କୁ ପ୍ରଶାସନ ନୋଟିସ ଜାରି କରିଥିଲା। ସେମାନେ ଏହାର ପ୍ରତିବାଦ କରି ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଶେଷରେ ଜିଲାପାଳ ଜବରଦଖଲ ଉଚ୍ଛେଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏନେଇ ପୂର୍ବରୁ ଲୋକଙ୍କୁ ଅବଗତ କରାଯାଇଥିଲା। ବୁଧବାର ନାରାୟଣପାଟଣା ଅତିରିକ୍ତ ତହସିଲଦାର ପ୍ରଭୋଜନ ପ୍ରଧାନ ମାଜିଷ୍ଟ୍ରେଟ ଦାୟିତ୍ୱରେ ରହି ସେଠାରୁ କ୍ୟାବିନ ଉଠାଇଥିଲେ। ଏହି ସମୟରେ ଆଇଆଇସି ରଘୁନାଥ ମାଝୀ ଏବଂ ଏକ ସେକ୍ସନ ଆର୍ବି ଫୋର୍ସ ଉପସ୍ଥିତ ଥିଲେ।


ପ୍ରଶାସନ ପକ୍ଷରୁ ଜବରଦଖଲ କରାଯାଉଛି।

